## ସଂକ୍ଷେପରେ

### ଡକାୟତି ଯୋଜନା ପଣ୍ଡ, ୩ ଗିରଫ, ୨ ଫେରାର

ଗୋପାଳପୁର, ୨୫।୩(ଡି.ଏନ.ଏ.): ଗୁରୁବାର ବିଳମ୍ବିତ ରାତ୍ରିରେ ବଡ଼ ଧରଣର ଡକାୟତି ଯୋଜନାକୁ ଗୋଳନ୍ଥରା ଥାନା ପୋଲିସ ପଣ୍ଡ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର ପୋଲିସ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଯୁଗୁଡ଼ି ଗ୍ରାମର ଶଙ୍କର ଗୌଡ଼, ମେଦିନିପୁର ଗ୍ରାମର ଗୌତମ ପ୍ରଧାନ ଓ ତାଙ୍କ ସାନ ଭାଇ ନିଗମ ପ୍ରଧାନ। ସେମାନଙ୍କ ଠାରୁ ବିଭିନ୍ନ ପ୍ରକାର ମାରଣାସ୍ତ୍ର ମଧ ଜବତ କରିଛି। ସୂଚନା ଅନୁସାରେ, ଏହି ଥାନା ଅଧିନସ୍ଥ ଟାମଣା ରାସ୍ତା ଘଟକେଶ୍ୱର ମନ୍ଦିର ନିକଟରେ ଗୁରୁବାର ବିଳମ୍ବିତ ରାତ୍ରିରେ ୫ଜଣ ଡ଼କାୟତ ପଥଚାରୀ ଓ ଟ୍ରକ ମାନଙ୍କରୁ ଡ଼କାୟତି କରିବା ନିମନ୍ତେ ଯୋଜନା କରୁଥିଲେ। ଏହି ସମୟରେ ଗୋଳନ୍ଥରା ଥାନା ପୋଲିସ ଚଢ଼ାଉ କରିଥିଲା। ଦୁଇ ଜଣ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏଏସଆଇ ଗୁଣନିଧି ରାଉତ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ମହୁମାଛି ଆକ୍ରମଣରେ ଜଣେ ଗୁରୁତର

ଆର.ଉଦୟଗିରି, ୨୫।୩(ଡି.ଏନ୍.ଏ.)- ମୋହନା ବ୍ଲକ ମେରାପଲ୍ଲୀ ପଞ୍ଚାୟତର ବନ୍ଧାଗୁଡା ଗ୍ରାମର ବିପ୍ର ମଲ୍ଲିକ ମହୁମାଛି ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ଜଙ୍ଗଲକୁ ମହୁଲଫୁଲ ଗୋଟେଇବାକୁ ଯାଇଥିବା ସମୟରେ ସେଠାରେ ଥିବା ଘରରୁ ବାଘ ମହୁମାଛି ଆକ୍ରମଣ କରିଥିଲା। ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ ଆକ୍ରମଣ କରିଛି। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ତାଙ୍କୁ ସ୍ଥାନାନ୍ତର କରାଯାଇଛି।

### ବିଦ୍ୟାଳୟର ସମ୍ବର୍ଦ୍ଧନା ଉତ୍ସବ

ପାରଳାଖେମୁଣ୍ଡି, ୨୫।୩(ଡି.ଏନ୍.ଏ.): ଆପନ୍ନା ପରିଛା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ (ଗଜପତି) ବିଚିତ୍ରାନନ୍ଦ ବେବର୍ତ୍ତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ମୁଖ୍ୟ ତଥା ଗଜପତିର ପୁରାତନ ଅନୁଷ୍ଠାନ ଜନକଲ୍ୟାଣ ପ୍ରତିଷ୍ଠାନର ପ୍ରାଣକର୍ତ୍ତା, ନିର୍ଦ୍ଦେଶକ, ସମ୍ପାଦକ ଦୁର୍ଗାମାଧବ ପଣ୍ଡା, ଅଧକ୍ଷ ଡାକ୍ତର ମୁର୍ମୁ, ଏମ୍. ଉମାପତି, ମୁରଲୀଧର ପରିଛା, ସୁଲୋଚନା ରଇତ, ପ୍ରଧାନ ଶିକ୍ଷୟିତ୍ରୀ ମୋନିଜିନୀ ପାତ୍ର, ବର୍ଷା ରାଉତ, ରାଜେଶ୍ୱରୀ ସ୍ୱାଇଁ, ଅଭୀପ୍ସା ଶବର ପ୍ରମୁଖ ଯୋଗଦାନ କରି ନିଜସ୍ୱ ମତ ଦେଇଥିଲେ।

### ପାତ୍ରପୁର ଓକିଲ ସଂଘ କର୍ମକର୍ତ୍ତା ଚୟନ

ପାତ୍ରପୁର, ୨୫।୩(ଡି.ଏନ୍.ଏ.)-ପାତ୍ରପୁର ବ୍ଲକରେ କାର୍ଯ୍ୟରତ ଓକିଲ ସଂଘର କର୍ମକର୍ତ୍ତା ଚୟନ ଶନିବାର ହୋଇଯାଇଛି। ସଂଘ ସଭାପତି ଭାବେ ରମେଶ ଚନ୍ଦ୍ର ପାଢ଼ୀ, ଉପ ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ସାହୁ, ସମ୍ପାଦକ ଲକ୍ଷ୍ମୀନାରାୟଣ ନାୟକ, ଯୁଗ୍ମ ସମ୍ପାଦକ ସଞ୍ଜୟ କୁମାର ପାଢ଼ୀ ଓ କୋଷାଧକ୍ଷ ଭାବେ ଲମ୍ବୋଦର ପ୍ରଧାନଙ୍କୁ ଚୟନ କରାଯାଇଛି।

# ବିବେକାନନ୍ଦ ଲାଣ୍ଡ ଆଣ୍ଡ ବିଲଡର୍ସରେ ଇଡି ଚଢ଼ାଉ

ବ୍ରହ୍ମପୁର ଅଫିସ, ୨୫।୩

କମ୍ ଟଙ୍କାରେ ଡୁପ୍ଲେକ୍ସ ଦେବାକୁ କହି ୫କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଭୁବନେଶ୍ୱର କେଶରୀ ଇଷ୍ଟେଟ୍ ପ୍ରାଇଭେଟ୍ ଲିମିଟେଡରେ ପୁଣି ଥରେ ଖୋଳତାଡ଼ ଆରମ୍ଭ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଉପରୋକ୍ତ ସଂସ୍ଥା ସହ ଲିଙ୍କରେ ଥିବା ବ୍ରହ୍ମପୁର ବିବେକାନନ୍ଦ ଲ୍ୟାଣ୍ଡ ଏଣ୍ଡ ବିଲଡ଼ର୍ସରେ ଇଡି ଚଢ଼ାଉ ହୋଇଛି। ବିବେକାନନ୍ଦ ଲ୍ୟାଣ୍ଡ ଏଣ୍ଡ ବିଲଡର୍ସ ମାଲିକ ବିଚିତ୍ର ପଟ୍ଟନାୟକଙ୍କୁ ଇଡି ଶୁକ୍ରବାର ରାତିରେ ପଚରାଉଚରା କରି ଫେରିଥିବା ସୂଚନା ମିଳିଛି। କେଶରୀ ରିୟଲ ଇଷ୍ଟେଟ୍ ପ୍ରାଇଭେଟ୍ ଲିମିଟେଡ୍ ଠକେଇରେ ତାଙ୍କର ସମ୍ପୃକ୍ତି ଅଛି କି ନାହିଁ ଜଣାପଡିନଥିବା ବେଳେ ତାଙ୍କୁ ଜେରା ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। କେଶରୀ ରିୟଲ ଇଷ୍ଟେଟ୍ ମାଲିକଙ୍କ ସହ ବିଚିତ୍ର, ପାର୍ଟନର୍ ଥିବା ଇଡି ସୂଚନା ପାଇଥିଲା। ପାର୍ଟନର ହୋଇ ରାଜ୍ୟର କେଉଁ କେଉଁ ସ୍ଥାନରେ ପ୍ରୋଜେକ୍ଟ କରିଛନ୍ତି ତାହାର ଖୋଳତାଡ଼ ଆରମ୍ଭ ହୋଇଛି। ବିଚିତ୍ର ଭୁବନେଶ୍ୱରର କେତେକ ଅଞ୍ଚଳରେ ବଡ଼ ବଡ଼ ପ୍ରୋଜେକ୍ଟ କରିଥିବା ସୂଚନା ମିଳିଛି। କେଶରୀ ରିୟଲ ଇଷ୍ଟେଟ ସହ ମିଶି ବହୁ ପ୍ରୋଜେକ୍ଟ କରିଥିବା ବେଳେ ସେ ସବୁ କେତେକ ଗ୍ରାହକଙ୍କୁ ମଧ ବିକ୍ରି ହୋଇଛି। ତେବେ ସେହି ପ୍ରୋଜେକ୍ଟ ପାଇଁ ଟଙ୍କା ଆସିଲା କେଉଁଠୁ ତାହା ଯାଞ୍ଚ ଚାଲିଛି। ଲୋକଙ୍କ ଟଙ୍କାରେ ଏହି ପ୍ରୋଜେକ୍ଟ ହୋଇଛି କି ନାହିଁ ତାହାର ମଧ ଖୋଳତାଡ଼ କରୁଛି ଇଡି। କମ୍ ଟଙ୍କାରେ ଡୁପ୍ଲେକ୍ସ, ଜମି ଓ ଫ୍ଲାଟ୍ ଦେବାକୁ କହି କେଶରୀ ରିୟଲ ଇଷ୍ଟେଟ ଲୋକଙ୍କ ଠାରୁ କୋଟି କୋଟି ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଥିଲା। ଇଡି ଏହାର ତଦନ୍ତ କରୁଥିବା ବେଳେ ଶୁକ୍ରବାର ନିର୍ଦ୍ଦେଶକ ଅଜୟ ଚୌଧୁରୀ ଓ ଏମଡି ଅକ୍ଷୟ ଚୌଧୁରୀଙ୍କୁ ଭୁବନେଶ୍ୱରରେ ପଚରାଉଚରା କରିଥିଲା। ଅଜୟ ଓ ଅକ୍ଷୟଙ୍କ ଘର ବ୍ରହ୍ମପୁରରେ ହୋଇଥିବାରୁ ସେମାନେ ବିଚିତ୍ର ପଟ୍ଟନାୟକଙ୍କ ଲିଙ୍କରେ ଥିବା ଇଡି ସୁରାକ ପାଇଥିଲା। ଶନିବାର ବ୍ରହ୍ମପୁରରେ ବିଚିତ୍ର ପଟ୍ଟନାୟକଙ୍କ ଅଫିସରେ ଚଢ଼ାଉ କରି କିଛି କାଗଜପତ୍ର ଜବତ କରିବା ପରେ ପଚରାଉଚରା କରିଥିଲେ। ବିଚିତ୍ରଙ୍କ ଅଫିସରେ ତଦନ୍ତ ହୋଇଥିବା ବେଳେ ତାଙ୍କ ଲିଙ୍କରେ ବ୍ରହ୍ମପୁରର କିଛି ବିଲଡର ରହିଥିବା ଜଣାପଡିଛି। ସେମାନେ ତାଙ୍କ ସହ ବ୍ୟବସାୟ କରୁଥିଲେ ନା ଆଉ କିଛି ପ୍ରୋଜେକ୍ଟ ନେଇଥିଲେ ତାହାର ଖୋଳତାଡ଼ ଚାଲିଛି।

# ଗୋଲିଆରେ ସମବାୟ ବ୍ୟାଙ୍କିଙ୍ଗ ସେବା, ଋଣ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅତିଥି।

ବୁଗୁଡ଼ା, ୨୫।୩(ଡି.ଏନ୍.ଏ.)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଗୋଲିଆ ସେବା ସମବାୟ ସମିତି ଆନୁକୂଲ୍ୟରେ ପଞ୍ଚାୟତ କାର୍ଯ୍ୟାଳୟରେ ସମିତିସ୍ତରୀୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଆସିକା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଲିଃର ନିର୍ଦ୍ଦେଶିକା ନନ୍ଦିନୀ ଭୂୟାଁ, ବୁଗୁଡ଼ା ଶାଖା ପରିଚାଳକ ଯୋଗେଶ ଚନ୍ଦ୍ର ସାମନ୍ତରାୟ, ବ୍ଲକ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ସମିତି ଉପସଭାପତି ଉଷାରାଣୀ ପଲାଇ, ସରପଞ୍ଚ ଦ୍ୱୈତାରୀ ବେହେରା ପ୍ରମୁଖ ଅତିଥିମାନେ ଯୋଗ ଦେଇ ସମବାୟ ବ୍ୟାଙ୍କର ବିଭିନ୍ନ ସେବା ଓ ରାଜ୍ୟ ସରକାରଙ୍କ ଚାଷୀଙ୍କ ପାଇଁ ବିଭିନ୍ନ ଋଣ ପ୍ରଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ସମ୍ପାଦକ ଶିବଶଙ୍କର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ବ୍ଲକର ସମସ୍ତ ସମବାୟ ସମିତିର ଓ ଡିଇଓମାନଙ୍କ ସମେତ ବହୁ ଚାଷୀ ଓ ମହିଳା ଗୋଷ୍ଠୀ ଉପସ୍ଥିତ ଥିଲେ।

## ପୁରୁଷୋତ୍ତମପୁର ଓକିଲ ସଂଘ ନିର୍ବାଚନ
# ଉପେନ୍ଦ୍ର ସଭାପତି, ସୀମାଞ୍ଚଳ ସମ୍ପାଦକ



ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଓକିଲମାନେ ସମ୍ବର୍ଦ୍ଧନା ଦେଉଛନ୍ତି।

ପୁରୁଷୋତ୍ତମପୁର, ୨୫।୩(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଓକିଲ ସଂଘ ନିର୍ବାଚନ ଶନିବାର ନିର୍ବାଚନ ଅଧିକାରୀ ବାସୁଦେବ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଉପେନ୍ଦ୍ର ପଣ୍ଡା, ଉପସଭାପତି ରୂପେ ଗୌରୀଶଙ୍କର ରାଉଳ, ସମ୍ପାଦକ ଭାବେ ସୀମାଞ୍ଚଳ ମିଶ୍ର ଓ ସହ ସମ୍ପାଦକ ଭାବେ ଅକ୍ଷୟ କୁମାର ବେହେରା ନିର୍ବାଚିତ ହୋଇଛନ୍ତି। ଏହାକୁ ନିର୍ବାଚନ ଅଧିକାରୀ ଜେନା ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ଏହି ଅବସରରେ ପୁରୁଷୋତ୍ତମପୁରଠାରେ ଆସିଷ୍ଟାଣ୍ଟ ସେସନ୍ସ ଜଜ୍ କୋର୍ଟ ପ୍ରତିଷ୍ଠା ସହ ଓକିଲ ସଂଘର ବିକାଶ କରିବା ମୁଖ୍ୟ ଲକ୍ଷ୍ୟ ବୋଲି ନବନିର୍ବାଚିତ କର୍ମକର୍ତ୍ତାମାନେ କହିଛନ୍ତି।

## ତଦନ୍ତ ପାଇଁ ସ୍କୁଲରେ ପହଞ୍ଚିଲେ ଅଧିକାରୀ

ଖଜୁରିପଡ଼ା, ୨୫।୩

ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମେହେର ସ୍କୁଲରେ ବିଭିନ୍ନ ଦୁର୍ନୀତି କାର୍ଯ୍ୟରେ ଲିପ୍ତ ଅଛନ୍ତି ବୋଲି ସ୍କୁଲ ଏସଏମସି କମିଟି ଜିଲା ଶିକ୍ଷା ଅଧିକାରୀ ଏବଂ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛି। ଯାହାର ତଦନ୍ତ ପ୍ରକ୍ରିୟା ବିଳମ୍ବ ହେଉଥିବା ନେଇ 'ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ ତଦନ୍ତ କରୁନାହାନ୍ତି ଡିଇଓ, ଏସଏମସିର କ୍ଷୋଭ' ବୋଲି ଧରିତ୍ରୀ ଖବର କାଗଜରେ ଗତ ୨୪ ତାରିଖରେ ଖବର ପ୍ରକାଶ ପାଇବା ପରେ ସ୍କୁଲକୁ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ତଦନ୍ତ କରିବାକୁ ଯାଇଥିଲେ ଏବଂ ସ୍କୁଲ କମିଟି ଡାକି ଘଟଣା ସମ୍ବନ୍ଧରେ ପଚାରି ବୁଝିଥିଲେ। ସ୍କୁଲ କମିଟି ସଭାପତି ପ୍ରଫୁଲ୍ଲ କୁମାର ବେହେରାଙ୍କ ସମେତ ସମସ୍ତ ସଦସ୍ୟ ଗୋଟି ଗୋଟି କରି ଦୁର୍ନୀତି ବଖାଣିଥିଲେ ବୋଲି ସ୍କୁଲ କମିଟି ପ୍ରତିକ୍ରିୟା ଦେଇଛି।

# ରାତିଅଧିଆ ମାଲସାହି ପାଇପ୍ ମରାମତି ହେଲା

ଭଞ୍ଜନଗର, ୨୫।୩(ଡି.ଏନ୍.ଏ)

**ଧରିତ୍ରୀ ପ୍ରଭାବ**

ଭଞ୍ଜନଗର ମେଡ଼ିକାଲ ସମ୍ମୁଖ ମାଲସାହିର ଏକ ପାଇପ୍‌କୁ ପ୍ରାୟ ୪୦ ଦିନ ପୂର୍ବେ ମରାମତି କରାଯାଇଥିଲା । କିନ୍ତୁ ପାଇପ୍ ଉପରେ ମାଟି ଘୋଡ଼ା ନଯିବା ଯୋଗୁ ଉକ୍ତ ପାଇପଟି ଫାଟି ଯାଇଥିଲା। ପାଇପରୁ ପାଣି ବାହାରି ଏଣେତେଣେ ପଡୁଥିଲା। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଗୁରୁବାର ରାତି ପ୍ରାୟ ୯ଟା ସମୟରେ ଉକ୍ତ ପାଇପ ମରାମତି ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ଫଟା ପାଇପକୁ ଯୋଡ଼ାଯାଇଛି। କିନ୍ତୁ ଏବେବି ମାଟି ଘୋଡ଼ାଯାଇନାହିଁ। ତେଣୁ ପୁଣି ପାଇପ୍ ଫାଟିବା ଆଶଙ୍କା ରହିଛି। ସହରର ଅନେକ ଅଞ୍ଚଳରେ ବର୍ତ୍ତମାନ ନୂଆ ପାଇପ ବିଛା ହେଉଛି। ୩ ଫୁଟରୁ ଉର୍ଦ୍ଧ୍ୱ ଗଭୀରରେ ପାଇପ୍ ଗୁଡ଼ିକ ବିଛାଯିବା କଥା ତାହା କରାଯାଉନାହିଁ । ଉପରେ ଉପରେ କମ୍ ଗଭୀରରେ ପାଇପ୍ ଗୁଡ଼ିକ ବିଛାଯାଉଛି। ତେଣୁ ଛୋଟ ଗାଡ଼ିଟିଏ ଉକ୍ତ ପାଇପ ଉପରେ ଗଲେ ପାଇପ ଫାଟିଯାଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାପାଇଁ ସାଧାରଣରେ ଦାବି ହୋଇଛି । ଏନେଇ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ନିତ୍ୟାନନ୍ଦ ବେହେରାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ପାଇପ୍ ଯୋଡ଼େଇ ହେବାପରେ କିଛିଦିନ ପରୀକ୍ଷାମୂଳକ ଭାବେ ଲିକ୍ ହେଉଛି କି ନାହିଁ ଯାଞ୍ଚ କରାଯିବ। ଏହାପରେ ମାଟି ଘୋଡ଼ାଯିବ। ଛୋଟ ଛୋଟ କାମକୁ ଶ୍ରମିକ ମିଳୁନାହିଁ। ତେଣୁ କାମ କରିବା ବହୁତ ଅସୁବିଧା ହେଉଛି ବୋଲି ସୂଚନା ଦେଇଛନ୍ତି ।

# ଜାତୀୟ ପର୍ଯ୍ୟବେକ୍ଷକ ଟିମ୍‌ର ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ପରିଦର୍ଶନ

ଖଜୁରିପଡ଼ା, ୨୫।୩




ଏନ୍‌କ୍ୟୁଏଏସ୍ ଜାତୀୟ ପର୍ଯ୍ୟବେକ୍ଷକ ଟିମ୍।

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱାସ୍ଥ୍ୟକୁ ଆଖିଆଗରେ ରଖି ମେଡିକାଲଗୁଡ଼ିକର ଉନ୍ନତୀକରଣ ସହିତ ସୌନ୍ଦର୍ଯ୍ୟକରଣ କରୁଛନ୍ତି ଏବଂ ଉନ୍ନତମାନର ଚିକିତ୍ସା ଯୋଗାଇ ଦେଉଛନ୍ତି। ତାହା ସହିତ ସୁସ୍ଥ ଶରୀର, ସୁସ୍ଥ ପରିବେଶ ରହିଲେ ଏକ ସୁନ୍ଦର, ସବୁଜ ଓ ସ୍ୱାସ୍ଥ୍ୟବାନ୍ ଦେଶ ଗଠନ କରାଯାଇପାରିବ ବୋଲି କୋଟି କୋଟି ଟଙ୍କା ଖର୍ଚ୍ଚ କରି ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ସୌନ୍ଦର୍ଯ୍ୟକରଣ କରାଯାଉଛି। ଏବେ ଦେଖିବାକୁ ମିଳିଛି ଯେ କନ୍ଧମାଳ ଜିଲା ଖଜୁରିପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ବଲସକୁମ୍ପା ଗ୍ରାମ ପଞ୍ଚାୟତ ଅଧୀନ ବାରିକୁମ୍ପା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ନବୀକରଣ କରି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ସରକାର ପରିଣତ କରିଛନ୍ତି। ଚତୁଃପାର୍ଶ୍ୱରେ ରଙ୍ଗ ବେରଙ୍ଗର ବୃକ୍ଷ ରୋପଣ କରାଯାଇଥିବା ବେଳେ ଏକ ହର୍ବାଲ ଗାର୍ଡେନ୍ କରାଯାଇ ସେଥିରେ ବିଭିନ୍ନ ଔଷଧୀୟ ବୃକ୍ଷ ରୋପଣ କରାଯାଇଛି। ମେଡିକାଲକୁ ନୂତନ ରଙ୍ଗ ଲଗେଇବା ସହିତ ଚିତ୍ରକରର ଚିତ୍ରକଳାରେ ଚିତ୍ର ଅଙ୍କନ କରାଯାଇଛି। ତେଣୁ ରାଜ୍ୟରେ ୪୨୩ ପ୍ରାଥମିକ କେନ୍ଦ୍ର ମଧ୍ୟରୁ ଉତ୍ତମ କାର୍ଯ୍ୟ ଯୋଗୁ ଏହି ପ୍ରାଥମିକ କେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ମିଳିବା ସହିତ ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ମିଳିଛି। ଏବେ ପୁଣି ଜିଲାରେ ଏନ୍‌କ୍ୟୁଏଏସ୍ ପୁରସ୍କାର ପାଇବା ପାଇଁ ଜାତୀୟ ଟିମ୍ ଦୁଇଦିନିଆ ଗସ୍ତରେ ଆସି ଏହି ମେଡିକାଲର ଚିକିତ୍ସା ବ୍ୟବସ୍ଥା ଓ ସୌନ୍ଦର୍ଯ୍ୟକରଣକୁ ତନଖି ଦେଖିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୨୫ ଓ ୨୬ ତାରିଖ ପାଇଁ ଏକ ଦୁଇଜଣିଆ ଜାତୀୟ ପର୍ଯ୍ୟବେକ୍ଷକ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନରେ ଆସି ଏନ୍‌କ୍ୟୁଏଏସ୍ ମାନ ପରଖିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ବହିଃ ଚିକିତ୍ସା ସେବା, ନିଦାନ ସେବା, ସବ୍‌ସେଣ୍ଟରଗୁଡିକରେ ଦିଆଯାଇଥିବା ସେବା, ସାଧାରଣ ପ୍ରଶାସନ ସେବା, ବିଷୟଗୁଡ଼ିକୁ ତନଖି କରି ପରୀକ୍ଷା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ମନୋଜ କୁମାର ଉପାଧ୍ୟାୟ ଓ ଜିଲା ଜାତୀୟ ମିଶନର ପରିଚାଳକ ଡ. ମନୋରଞ୍ଜନ ସାହୁ ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ କରୁଥିଲେ। ଜିଲା କ୍ୱାଲିଟି ମ୍ୟାନେଜର ଦୁଷ୍ମନ୍ତ କୁମାର ସୂତାର ଏହି ଟିମ୍‌କୁ ସହଯୋଗ କରୁଥିଲେ। ଡ. ପୀୟୂଷ ମୋହନ ସାମଲ ଓ ଫାର୍ମାସିଷ୍ଟ ବିଭୂତି ଭୂଷଣ ସାହୁ, ଚନ୍ଦ୍ରଶେଖର ବେହେରା ଏବଂ ତାଙ୍କ ସହଯୋଗୀ ଟିମ୍‌କୁ କୃତଜ୍ଞତା ଜଣେଇଥିଲେ। ଏହି ଟିମ୍‌ର ପରିଦର୍ଶନ କନ୍ଧମାଳ ଜିଲା ପାଇଁ ପ୍ରଥମ ଓ ସମ୍ମାନର ବିଷୟ ଥିଲା ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ. ନିମାଇଁ ଚରଣ ବିଶି କହିଛନ୍ତି।

## ଭଞ୍ଜନଗର ଯାତ୍ରା କମିଟି କାର୍ଯ୍ୟାଳୟ ଉଦ୍‌ଘାଟିତ
# ଆଜି ଠାକୁରାଣୀ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ

ଭଞ୍ଜନଗର, ୨୫।୩(ଡି.ଏନ.ଏ)



ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

ଭଞ୍ଜନଗର ସହରର ପ୍ରସିଦ୍ଧ ଠାକୁରାଣୀ ଯାତ୍ରା ପାଇଁ ଆସନ୍ତା ରବିବାର ୨୬ ତାରିଖ ଦିନ ଶୁଭଖୁଣ୍ଟି ସ୍ଥାପନ ହେବ । ଏନେଇ ମୁଖ୍ୟ ସଡ଼କରେ ଥିବା ଯାତ୍ରା ପଡ଼ିଆକୁ ପ୍ରସ୍ତୁତ କରାଯାଉଛି । ଶୁକ୍ରବାର ସନ୍ଧ୍ୟାରେ ଠାକୁରାଣୀ ଯାତ୍ରା କମିଟି କାର୍ଯ୍ୟାଳୟ ଯାତ୍ରା ପଡ଼ିଆ ସମ୍ମୁଖରେ ଉଦ୍‌ଘାଟିତ ହୋଇଯାଇଛି । ଯାତ୍ରା କମିଟି ସଭାପତି ରାଜେନ୍ଦ୍ର ବିଷୋୟୀ, ଉପ ସଭାପତି ବିନୟ କୁମାର ରଥ, ଶାନ୍ତନୁ କୁମାର ଦାସ, ମୁରଲୀ ପଣ୍ଡା, ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ବେହେରା, ଗୋପବନ୍ଧୁ ମହାପାତ୍ର, ଶୁଳପାଣି ଶତପଥି, ଟୁନା ଜେନା, ଡ଼ି.ଚେଲପତି, ମନୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ବାଚସ୍ପତି ବିକ୍ରମ କେଶରୀ ଆରୁଖ, ଯାତ୍ରା କମିଟି ମୁଖ୍ୟକର୍ତ୍ତା ତଥା ଉପ ଜିଲାପାଳ ଜ୍ୟୋତି ଶଙ୍କର ରାୟ ପ୍ରମୁଖ ଆସନ୍ତା ରବିବାର ହେବାକୁ ଥିବା ଶୁଭଖୁଣ୍ଟି ସ୍ଥାପନ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ମେ ୩ ତାରିଖରୁ ଯାତ୍ରା ଆରମ୍ଭ ହୋଇ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ଯାତ୍ରାକୁ କିଭଳି ଅଧିକ ଆକର୍ଷଣୀୟ କରାଯିବ ସେନେଇ ଯାତ୍ରା କମିଟି ପକ୍ଷରୁ ପ୍ରସ୍ତୁତି ଚାଲିଛି। ପ୍ରତି ୩ ବର୍ଷକୁ ଥରେ ଭଞ୍ଜନଗର ଠାକୁରାଣୀ ଯାତ୍ରା ହେଉଛି। ୨୦୨୦ରେ ଯାତ୍ରା ହେବାର ଥିଲା। କିନ୍ତୁ କରୋନା ଯୋଗୁ ତାହା ହୋଇପାରିନଥିଲା।

# ମା' ଦଣ୍ଡକାଳୀଙ୍କ ୨୧ ଦିନିଆ ଯାତ୍ରା ଆରମ୍ଭ



ଧୋବାପୁଞ୍ଜାର ସହର ପରିକ୍ରମା।

ପୁରୁଷୋତ୍ତମପୁର, ୨୫।୩(ଡି.ଏନ୍.ଏ.)

ଗଞ୍ଜାମ ଜିଲାର ପ୍ରସିଦ୍ଧ ଲୋକପର୍ବ ମା' ଦଣ୍ଡକାଳୀଙ୍କ ୨୧ଦିନିଆ ଦଣ୍ଡଯାତ୍ରା ଶନିବାର ଆରମ୍ଭ ହୋଇଛି। ଏଥିଲାଗି ପୁରୁଷୋତ୍ତମପୁର ସହର ସମେତ ସମଗ୍ର ଗଞ୍ଜାମ ଜିଲାରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ପୁରୁଷୋତ୍ତମପୁର ସହରରେ ଥିବା ତିନିଗୋଟି ଦଣ୍ଡଯାତ୍ରା ଦଳ (ଧୋବା ପୁଞ୍ଜା, ବିପତ୍ତିହାରିଣୀ ତେଲି ପୁଞ୍ଜା ଓ ଗୌଡ ପୁଞ୍ଜା)ରେ ଶହ ଶହ ସଂଖ୍ୟାରେ ମାନସିକଧାରୀ ଭୁକ୍ତା ଭାବରେ ସାମିଲ ହୋଇଛନ୍ତି। ଏମାନେ ଦୀର୍ଘ ୨୧ ଦିନକାଳ କଷାବସ୍ତ୍ରକୁ ପରିଧାନ କରି ଶିବ କାଳୀଙ୍କୁ ସାଙ୍ଗରେ ଧରି ସମଗ୍ର ଜିଲାର ବିଭିନ୍ନ ଗ୍ରାମଗୁଡ଼ିକୁ ଖାଲିପାଦରେ ଚାଲି ଚାଲି ଯାଇ ମାନସିକଧାରୀ ବ୍ୟକ୍ତିଙ୍କ ଦାଣ୍ଡରେ କଠୋର ନୃତ୍ୟମାନ ପରିବେଷଣ କରିବେ, ଯାହାକି ମଧ୍ୟାହ୍ନର ଟାଣଖରାରେ ଧୂଳିଦଣ୍ଡ, ନଦୀ କିମ୍ବା ପୋଖରୀରେ ପାଣିଦଣ୍ଡ, ଅର୍ଦ୍ଧ ରାତ୍ରିରେ ଅଗ୍ନିଦଣ୍ଡକୁ ପରିବେଷଣ କରିବେ। ଏହାସହ ଭୁକ୍ତାମାନେ ଆମ୍ବପତ୍ରରେ ଦାନ୍ତ ଘସିବେ, ଖୋଲା ଆକାଶ ତଳେ ଖରା ବର୍ଷାରେ ନିକାଞ୍ଚନ ସ୍ଥାନରେ ରହିବା ସହ ଦିନକୁ ଥରେ ନିଃଶବ୍ଦ ରାତ୍ରରେ ଅକଟାଅବଟା, ଅଫୁଟା ଖାଦ୍ୟକୁ ଖାଇବେ। ଏହା ଆସନ୍ତା ମେଷ ବା ପଣା ସଂକ୍ରାନ୍ତିରେ ଉଦ୍‌ଯାପିତ ହେବ। ଧୋବାପୁଞ୍ଜାର ଅଧିକାରୀ ଭାବେ ଭାସ୍କର ବେହେରା, ବିପତ୍ତିହାରିଣୀ ତେଲିପୁଞ୍ଜାର ଅଧିକାରୀ ଓ ଗୌଡ଼ପୁଞ୍ଜାର ଅଧିକାରୀ ଭାବେ ବୀଣା ଗୌଡ଼ ରହି ପରିଚାଳନା କରୁଛନ୍ତି। ସେହିଭଳି ଆଛୁଳିଠାରେ ରହିଥିବା ବିପତ୍ତିତାରିଣୀ ଦଣ୍ଡଯାତ୍ରା ଦଳରେ ଅଧିକାରୀ ଭାବେ ମୋଟିରାମ ବେହେରା ରହିଛନ୍ତି।

# କନିଷି ତହସିଲରେ କର୍ମଚାରୀ ଅଭାବ, ଲୋକେ ସେବା ପାଇବାରୁ ବଞ୍ଚିତ

ଗୋପାଳପୁର, ୨୫।୩(ଡି.ଏନ୍.ଏ.)




କନିଷି ତହସିଲ କାର୍ଯ୍ୟାଳୟ

ପଞ୍ଚମ ପାଳିରେ ରାଜ୍ୟ ସରକାର ବିଭିନ୍ନ ବିଭାଗରେ ଅନେକ ସଂସ୍କାରମୂଳକ ପଦେକ୍ଷେପ ଗ୍ରହଣ କରିଥିଲେ। ରାଜସ୍ୱ ବିଭାଗର ଅନେକ ସେବା ଗୁଡ଼ିକ କିଭଳି ହାତ ପାଆନ୍ତାରେ ନିର୍ଦ୍ଧାରିତ ସମୟରେ ପାଇପାରିବେ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ମଧ ଗ୍ରହଣ କରାଯାଇଥିଲା। ହେଲେ ସବୁ ସେବା ଓ ବ୍ୟବସ୍ଥା ଘୋଷଣାରେ ହିଁ ସୀମିତ ରହିଯାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲାର କନିଷି ତହସିଲରେ। ଏଠାରେ ଦିନକୁ ଦିନ କର୍ମଚାରୀ ଲୋପ ପାଇବା ଫଳରେ ସାଧାରଣ ଲୋକେ ସେବାରୁ ବହୁ ଦୁରରେ ରହୁଥିବା ନେଇ ଦେଖିବାକୁ ମିଳିଛି। ରାଜ୍ୟରେ କନିଷି ତହସିଲ କାର୍ଯ୍ୟଭାରରେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି। ଏହି ତହସିଲରେ ୧୩ଟି ଆରଆଇ ସର୍କଲ ରହିଛି। ଏଥିରେ ଗତ ବର୍ଷ ୨୫ ହଜାରରୁ ଉର୍ଦ୍ଧ୍ୱ ଜମିଜମା ଦାଖଲ ଓ ଖାରଜ (ମ୍ୟୁଟେସନ) ମାମଲା ହୋଇଛି। ହେଲେ କର୍ମଚାରୀ ଦିନକୁ ଦିନ କମୁଥିବା ବେଳେ ନିର୍ଦ୍ଧାରିତ ସମୟରେ ସେବା ଯୋଗାଇବାରେ ବହୁ ପଛରେ ରହିଛି। ଏନେଇ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଉକ୍ତ ତହସିଲରେ ବର୍ତ୍ତମାନ ଜଣେ ତହସିଲଦାର କାର୍ଯ୍ୟ କରୁଥିବା ବେଳେ ଦୀର୍ଘ ଦିନ ହେଲା ତିନୋଟି ଅତିରିକ୍ତ ତହସିଲଦାର ପଦ ଖାଲିପଡ଼ିଛି। ଗତ କିଛି ଦିନ ତଳେ ଅତିରିକ୍ତ ତହସିଲଦାର ଭାବେ କୁଳଦୀପ କୁମାରଙ୍କୁ ଚିକିଟି ଏନଏସିକୁ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇଥିଲା। ବର୍ତ୍ତମାନ ସେ ପୁଣି ଅତିରିକ୍ତ ଦାୟିତ୍ୱରେ କନିଷି ତହସିଲରେ ରହିଛନ୍ତି। ୬ଟି କନିଷ୍ଠ କିରାଣୀ ପଦବୀ ଖାଲି ଥିବା ବେଳେ ଗୋଟିଏ ବରିଷ୍ଠ କିରାଣୀ ଓ ୭ଟି ପିଅନ ପଦବୀ ମଧ ଖାଲି ପଡ଼ିଛି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୩୧୦୦ରୁ ଉର୍ଦ୍ଧ୍ୱ ମ୍ୟୁଟେସନ ମାମଲା ହୋଇଛି। କର୍ମଚାରୀଙ୍କ ସଂଖ୍ୟା ହ୍ରାସ ପାଉଥିବା ବେଳେ ଦିନକୁ ଦିନ କାର୍ଯ୍ୟଭାର ବୃଦ୍ଧି ପାଉଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଲୋକମାନେ ସେବା ନପାଇ ନାନାଦି ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଏନେଇ କନିଷି ତହସିଲଦାର ପ୍ରଳୟାନନ୍ଦ ଶତପଥୀଙ୍କୁ ପଚାରିବା ବେଳେ କର୍ମଚାରୀ ଅଭାବ କଥା ଜିଲା ପ୍ରଶାସନ ଓ ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି ବୋଲି କହିଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଓ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦେବା ନିମନ୍ତେ ସାଧାରଣରେ ଦାବି ହୋଇଛି।

## ସଂକ୍ଷେପରେ

### ଯାଜପୁର ଜିଲା କୋର୍ଟର ଓକିଲ ସଂଘ ନିର୍ବାଚନ

ଯାଜପୁର ଟାଉନ,୨୫।୩(ଡି.ଏନ.ଏ.): ଯାଜପୁର ଜିଲା କୋର୍ଟର ୩ଟି ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ବାର୍ ଆସୋସିଏଶନ ସଭାପତି ଭାବେ ଜଗନ୍ନାଥ ଜେନା, ସମ୍ପାଦକ ବିରଜା ପ୍ରସାଦ ପରିଡ଼ା ଓ ଉପସଭାପତି ଭାବେ ବିରୁପାକ୍ଷ ତ୍ରିପାଠୀ ନିର୍ବାଚିତ ହୋଇଛନ୍ତି। ଯାଜପୁର ଲୟର୍ସ ଆସୋସିଏଶନ ସଭାପତି ଭାବେ ଆଲୋକ କୁମାର ପାଣି, ସମ୍ପାଦକ ଭାବେ ବିଜୟ କୁମାର ମହାନ୍ତି ନିର୍ବାଚିତ ହୋଇଥିବା ବେଳେ ଡିଷ୍ଟ୍ରିକ୍ଟ କ୍ରିମିନାଲ ଆସୋସିଏଶନ୍‌ର ସଭାପତି ଭାବେ ନବକିଶୋର ତ୍ରିପାଠୀ, ଉପସଭାପତି ଭାବେ ପୁଷ୍ପମିତ୍ର ଦାସ, ସମ୍ପାଦକ ଧୀରେନ୍ଦ୍ର କୁମାର ଦାଶ ଓ ସହସମ୍ପାଦକ ଭାବେ ପାର୍ଥସାରଥି ମଲ୍ଲିକ ନିର୍ବାଚିତ ହୋଇଛନ୍ତି।

### ଫେରାର ଶିକାରୀ ଗିରଫ

ବାରିପଦା ଅଫିସ,୨୫।୩-ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ପିଠାବଟା ରେଞ୍ଜ୍ ଅନ୍ତର୍ଗତ ପିଠାବଟା-୧ ବିଟ୍ ଅଞ୍ଚଳରୁ ଫେରାର ଶିକାରୀଙ୍କୁ ବନ ବିଭାଗ ଗିରଫ କରିଛି। ଶିକାରୀ ଜଣକ କୋଲିଆଘାଟି ପଞ୍ଚାୟତ ଲକ୍ଷ୍ମୀପୋଷି ଅଞ୍ଚଳର ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଦକ୍ଷିଣ)ର ଉପନିର୍ଦ୍ଦେଶକ ସମ୍ରାଟ ଗୌଡା ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ଗତ ୨୦ ତାରିଖ ବିଳମ୍ବିତ ରାତିରେ ପାଟ୍ରୋଲିଂ ସମୟରେ ଶିକାରୀ ଜଣକ ଖସି ପଳାଇଥିଲେ। ବନ କର୍ମଚାରୀମାନେ ତଦନ୍ତ କରି ଶିକାରୀଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଲୁହା ରଡ୍, ଛୁରୀ, ଟର୍ଚ୍ଚ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ତେବେ ଗିରଫ ଶିକାରୀଙ୍କ ନାମ ଗୋପନ ରଖି ଅଧିକ ତଦନ୍ତ ଜାରି ରହିଛି।

### ସୁନାଚେନ୍, ଟଙ୍କା ଲୁଟିନେଲେ

କୁଳିଅଣା,୨୫।୩(ଡି.ଏନ.ଏ.): ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ବାରିପଦା ରାସ୍ତାରୁ ଦୁର୍ବୃତ୍ତ ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇଛନ୍ତି। ଏନେଇ କୁଳିଅଣା ଥାନାରେ ଅଭିଯୋଗ ପରେ ପୋଲିସ (ନଂ. ୪୬/୨୩)ରେ ମାମଲା ରୁଜୁ କରି ତଦନ୍ତ କରୁଛି। ଗାଙ୍ଗରାଜ ପଞ୍ଚାୟତର ରଘୁନାଥଗଞ୍ଜ ଗ୍ରାମର ମଞ୍ଜୁ ଶେଜପଡ଼ା ମହିଳାଙ୍କ ସହିତ ପ୍ରାତଃ ଭ୍ରମଣରେ ଯାଇଥିଲେ। ସେ ସମୟରେ ଏକ କଳା ରଙ୍ଗର ପଲ୍‌ସର ବାଇକରେ ଦୁଇ ଯୁବକ ଆସି ସେ ପିନ୍ଧିଥିବା ୧୫ଗ୍ରାମର ସୁନା ଚେନଟି ଟାଣି ନେଉଥିଲେ। ଏ ନେଇ ମଞ୍ଜୁଙ୍କ ଝିଅ ହିମାଦ୍ରୀ ଥାନାରେ ଅଭିଯୋଗ କରିଥିଲେ।

ସେହିପରି ସନ୍ଧ୍ୟା ସମୟରେ ଖୁଣ୍ଟାପାଳ ଗ୍ରାମରେ ରହି ରାଜମିସ୍ତ୍ରୀ କାମ କରୁଥିବା ମୀରଜା ଘରକୁ ଫେରୁଥିଲେ। ସେ ସମୟରେ ପଛପଟୁ ଏକ ବାଇକରେ ଦୁର୍ବୃତ୍ତ ଆସି ଧକ୍କା ମାରି ମୋବାଇଲ ସହିତ ଏକ ହଜାର ଟଙ୍କା ନେଇ ଯାଇଥିଲେ। ପରେ ରାସ୍ତାରେ ମୋବାଇଲଟି ପକେଇ ପଳାଇ ଯାଇଥିଲେ। ଏ ନେଇ କୁଳିଅଣା ଥାନାରେ(ନଂ.୪୭/୨୩)ମାମଲା ରୁଜୁ ହୋଇଛି। ବାଇକ ସହିତ ଦୁଇ ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚାଲୁଥିବା ପୋଲିସ ସୂଚନା ଦେଇଛି।

# ଭେଣ୍ଡରଙ୍କ ଜାଲ୍ ରସିଦରେ ବିଲ୍

## କୋରେଇ ବ୍ଲକରେ ବିପୁଳ ଟଙ୍କାର ଟିକସ ଫାଙ୍କି




କୋରେଇ,୨୫।୩(ଡି.ଏନ.ଏ.):

କୋରେଇ ବ୍ଲକ ଅଧୀନରେ ଦୁର୍ନୀତି ବଢ଼ି ଚାଲିଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପୂର୍ବରୁ ଜାଲ୍ ମଷ୍ଟରରୋଲ ଏବଂ ଜବ୍ କାର୍ଡ କରି ଚର୍ଚ୍ଚାରେ ରହୁଥିବା ଅଧିକାରୀଙ୍କ ନାମରେ ଏବେ ଜାଲ୍ ଭେଣ୍ଡର ରସିଦରେ ବିପୁଳ ଟଙ୍କାର ମ୍ୟାଟେରିଆଲ ବିଲ୍ କରି ଟିକସ ଫାଙ୍କି ଅଭିଯୋଗ ହୋଇଛି। ମାତ୍ର ଯେତେ ଅଭିଯୋଗ ହେଲେ ମଧ ଦ୍ରବ୍ୟ ଓ ସେବା କର ବିଭାଗ (ଜିଏସ୍‌ଟି ) କିମ୍ବା ଦୁର୍ନୀତି ନିବାରଣ ବିଭାଗ( ଭିଜିଲାନ୍ସ) ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ଉଭୟ ବିଭାଗର କାର୍ଯ୍ୟଶୈଳୀ ଓ ସ୍ୱଚ୍ଛତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ବ୍ଲକ କର୍ତ୍ତୃପକ୍ଷଙ୍କ ସହିତ ଭିତ୍ତିରି ବୁଝାମଣା ଥିବା ସନ୍ଦେହ ଘନୀଭୂତ ହେଉଛି।

ବ୍ଲକ ଅଧୀନରେ ହେଉଥିବା ସମସ୍ତ କାର୍ଯ୍ୟର ବିଲ୍ ଭେଣ୍ଡରଙ୍କ ମାଧମରେ ହେବା ନେଇ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି। ମାତ୍ର ବିଡ଼ମ୍ବନାର ବିଷୟ ଏହି ନିର୍ଦ୍ଦେଶର ଅପବ୍ୟବହାର କରି କେତେଜଣ ଦୁର୍ନୀତିଖୋର ଅଧିକାରୀ ଭେଣ୍ଡରଙ୍କ ଜାଲ ରସିଦରେ ବିଲ୍ କରି ଆବଣ୍ଟିତ ଅର୍ଥରାଶି ହରିଲୁଟ କରୁଛନ୍ତି। ଜିଏସ୍‌ଟି ରୁଲ୍ସ ନଂ.୪୬ର ସେକ୍ସନ ୩୧ ଅନୁସାରେ ବିକ୍ରୟ ରସିଦ ପ୍ରସ୍ତୁତ କରିବା କଥା। କିନ୍ତୁ ବ୍ଲକରେ ଭେଣ୍ଡର ଦେଉଥିବା ସାମଗ୍ରୀ କ୍ରୟ ଓ ବିକ୍ରୟ ରସିଦରେ ଏହି ନିୟମ ପାଳନ କରାଯାଉନାହିଁ। ବିକ୍ରୟ ରସିଦରେ ସାମଗ୍ରୀ ବିକ୍ରୟର ଗନ୍ତବ୍ୟସ୍ଥଳୀ ଲେଖାଯିବା କଥା। କିନ୍ତୁ ଏହା ଲେଖା ଯାଉନାହିଁ। ସେହିପରି କ୍ରୟ କରୁଥିବା ସଂସ୍ଥାର ଜିଏସ୍‌ଟି ନମ୍ବର ରହୁନାହିଁ। କେଉଁ ତାରିଖରେ ସାମଗ୍ରୀ ବିକ୍ରି କରାଯାଉଛି ରସିଦରେ ତା'ର କୌଣସି ଲିପିବଦ୍ଧ ନାହିଁ। କୌଣସି ସାମଗ୍ରୀରେ ହର୍ମୋନାଇଜ୍‌ଡ ସିଷ୍ଟମ ଅଫ୍ ନୋମେନକ୍ଲେଚର (ଏଚ୍‌ଏସ୍‌ଏନ୍ କୋଡ୍) ରହୁନାହିଁ। ରସିଦରେ କେନ୍ଦ୍ରୀୟ ବିକ୍ରୟ ଟିକସ ଓ ରାଜ୍ୟ ବିକ୍ରୟ ଟିକସ ଲେଖାଯାଉନାହିଁ। ଏହି ବିକ୍ରୟ ରସିଦରେ ବିକ୍ରି କରାଯାଇଥିବା ସାମଗ୍ରୀଗୁଡିକଉପରେ କେତେ ଶତକଡ଼ା ଟିକସ ଦିଆଯାଉଛି ତାହା ମଧ ଉଲ୍ଲେଖ ରହୁନାହିଁ। ଏହିଭଳି ଭାବରେ ବ୍ଲକରେ ଜାଲ୍ ରସିଦ ଦେଇ ଏକାଧିକ ଭେଣ୍ଡର ବିପୁଳ ଟଙ୍କାର ଟିକସ ଫାଙ୍କୁଥିବା ଅଭିଯୋଗ ହୋଇଛି।

ବାସ୍ତବରେ ଅଫିସରମାନଙ୍କ ନାମରେ ୱାର୍କ ଅର୍ଡର ରହୁଥିବା ବେଳେ ସ୍ଥାନୀୟ ଠିକାଦାର ସବୁ କାର୍ଯ୍ୟ କରିବା ସହ ଆବଶ୍ୟକ ମ୍ୟାଟେରିଆଲ ବାହାରୁ କ୍ରୟ କରୁଛନ୍ତି। ଲେବର ପେମେଣ୍ଟ ଓ ସାମଗ୍ରୀ କ୍ରୟର ଅର୍ଥରାଶି ଭେଣ୍ଡରଙ୍କ ରସିଦ ମାଧ୍ୟମରେ ପୈଠ ହେଉଥିବା କାରଣରୁ ଅଧିକାରୀ ଓ ଭେଣ୍ଡର ଚଞ୍ଚକତା କରି ଜାଲ୍ ରସିଦ ସାହାଯ୍ୟରେ ବିଲ୍ କରୁଛନ୍ତି। ଫଳରେ ସରକାରଙ୍କୁ ଯେଉଁ ଆକାରରେ ଟିକସ ମିଳିବା କଥା ତାହା ମିଳୁନାହିଁ। ଅଧିକାରୀ ଓ ଭେଣ୍ଡର ମିଳିମିଶି ସରକାରଙ୍କ ରାଜସ୍ୱରୁ ଅନୁଦାନ ଆତ୍ମସାତ କରୁଛନ୍ତି। ଏ ସମ୍ପର୍କରେ ଉପବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତ ପୁଷ୍କର ବିଶ୍ୱାଳଙ୍କୁ ପଚାରିବାରେ ସେ କହିଛନ୍ତି, ୨ଜଣ ଭେଣ୍ଡରଙ୍କୁ ନୋଟିସ କରାଯାଇଥିଲେ ମଧ ସେମାନେ ହାଜର ହୋଇନାହାନ୍ତି। ଆଗାମୀ ଦିନରେ ସେମାନଙ୍କୁ ସମନ କରାଯିବ। ବିଡିଓ ରଞ୍ଜନ କୁମାର ପରିଡ଼ାଙ୍କୁ ପଚାରିବାରୁ ସେ କହିଛନ୍ତି, ଜାଲ୍ ରସିଦ ସମ୍ପର୍କରେ କିଛି ତଥ୍ୟ ନାହିଁ କି ଏହି ଅଭିଯୋଗର ମଧ କୌଣସି ସତ୍ୟତା ନାହିଁ।

# ସପ୍ତାହରେ ୨ ପିଇଓ ନିଲମ୍ବିତ

## ବଡ଼ଚଣା ବ୍ଲକ୍‌ରେ ଦୁର୍ନୀତି ଚରମ ସୀମାରେ

ଚଣ୍ଡିଖୋଲ,୨୫।୩(ଡି.ଏନ.ଏ.):

ଯାଜପୁର ଜିଲା ବଡ଼ଚଣା ବ୍ଲକରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଏହାର ଉଦାହରଣ ପାଲଟିଛି ଚଳିତ ସପ୍ତାହରେ ୨ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ(ପିଇଓ) ନିଲମ୍ବିତ ହେବା ଘଟଣା। ପାନୀୟ ଜଳ ଯୋଗାଣ ନାମରେ ପଞ୍ଚାୟତର ସରକାରୀ ଅର୍ଥ ହେରଫେର କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ନିଲମ୍ବିତ କରାଯିବା ସହ ସେମାନେ ଜିଲା ମୁଖ୍ୟାଳୟରେ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସେମାନଙ୍କ ଦରମାର ଅର୍ଦ୍ଧେକ ପ୍ରଦାନ କରିବାକୁ ବଡ଼ଚଣା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେମାନେ ହେଲେ ମଝିପଡ଼ା ପିଇଓ ପ୍ରଶାନ୍ତ ଜେନା ଓ କୋଲଣଗିରି ପିଇଓ ସଞ୍ଜିତ କୁମାର କର। ପ୍ରଶାନ୍ତଙ୍କୁ ଗତ ସୋମବାର ଜିଲାପାଳ ନିଲମ୍ବନ କରିଥିବାବେଳେ ସଞ୍ଜିତଙ୍କୁ ଶୁକ୍ରବାର ନିଲମ୍ବନ କରିଛନ୍ତି। ଏହି ଘଟଣାରେ ଯଦି ପ୍ରକୃତ ପକ୍ଷେ ଠିକ୍ ତଦନ୍ତ କରାଯିବ ଏହିଭଳି ଦୁର୍ନୀତିରେ ବହୁ ପିଇଓଙ୍କ ସମ୍ପୃକ୍ତି ଜଣାପଡ଼ିବ ବୋଲି ବ୍ଲକ ଅଞ୍ଚଳରେ ଆଲୋଚନା ଜୋର ଧରିଛି। ଏପରି କି ସରପଞ୍ଚମାନଙ୍କ ଡିଜିଟାଲ ଦସ୍ତଖତ ବ୍ଲକ ଅଫିସରେ ଥିବାରୁ ଏହାକୁ ବ୍ୟବହାର କରି ଟଙ୍କା ଉଠାଣ ହୋଇଥିବା ମଝିପଡ଼ା ସରପଞ୍ଚ ଶୋଭାବଜ୍ର କବାଟ ଅଭିଯୋଗ କରିଥିଲେ। ତେବେ ଏହି ଜାଲ୍ ଦସ୍ତଖତ ଓ କାଗଜପତ୍ର କରିବାରେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

ସେହିପରି ଉକ୍ତ ବ୍ଲକରେ ୫-ଟି ଅଧୀନରେ ହୋଇଥିବା ୨୭ଟି ବିଦ୍ୟାଳୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟଗୁଡ଼ିକର କାମ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ଏହାର ଉଦ୍‌ଘାଟନ ସରିଯାଇଛି। ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟ ବ୍ଲକର କନିଷ୍ଠ ଯନ୍ତ୍ରୀମାନଙ୍କ ନାମରେ ରହିଛି। ନିଜେ କନିଷ୍ଠ ଯନ୍ତ୍ରୀମାନେ ଠିକାଦାର ସାଜିଥିବାବେଳେ ଏହାର ତଦାରଖ ମଧ ସେହି ଯନ୍ତ୍ରୀମାନେ କରୁଛନ୍ତି। ତେଣୁ କାମରେ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମଗୁଡ଼ିକରେ ମଧ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଆସୁଛି। ତେଣୁ ଏସବୁ ଅଭିଯୋଗ ଗୁଡ଼ିକର ପ୍ରକୃତ ତଦନ୍ତ କରାଯିବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରୁ ସେ କୁହନ୍ତି, ସବୁ ଅଭିଯୋଗର ତଦନ୍ତ କରାଯିବ। ଦୁର୍ନୀତିରେ ଯେଉଁ ଅଧିକାରୀ ସମ୍ପୃକ୍ତ ଥିବେ ଜଣାପଡ଼ିବ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ।

# ଧର୍ମଶାଳା ଡାକ୍ତରଖାନାରେ ଗୋଷ୍ଠୀସ୍ତରୀୟ ସମ୍ମିଳନୀ



ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ଧର୍ମଶାଳା,୨୫।୩(ଡି.ଏନ.ଏ.):

ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ଶନିବାର ଆଶା ଓ ଏଏନ୍‌ଏମ୍‌ମାନଙ୍କୁ ନେଇ ଗୋଷ୍ଠୀସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ଯାଜପୁର ସିଡିଏମ୍‌ଓ ଶିବାଶିଷ ମହାରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାମ କରୁଥିବା ସମସ୍ତ ଆଶାକର୍ମୀଙ୍କ କାର୍ଯ୍ୟଦକ୍ଷତାକୁ ପ୍ରସଂଶା କରିଥିଲେ। ଏଥିସହିତ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ମାନସରଞ୍ଜନ ସ୍ୱାଇଁ ଅଧକ୍ଷତା କରିଥିବାବେଳେ ଡିପିଏମ ବନବିହାରୀ ମିଶ୍ର, ଏମ୍‌ସିପି ନେତ୍ରାନନ୍ଦ ଜେନା, ବିପିଏମ ଅଶୋକ କୁମାର ମିଶ୍ର, ବିଏଏମ୍ ମନୋଜ କୁମାର ସାହୁ, ବିଡିଏମ୍ ଲିଲିପ୍ସା ପୃଷ୍ଟି, ପିଏଚ୍‌ଇଓ ସବିତାରାଣୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟ କରୁଥିବା ୪୧ ଆଶାକର୍ମୀଙ୍କୁ ସେମାନଙ୍କ କାର୍ଯ୍ୟଦକ୍ଷତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଧର୍ମଶାଳା ବ୍ଲକ ଅଞ୍ଚଳର ଶତାଧିକ ଆଶାକର୍ମୀ ଓ ବହୁ ଏଏନ୍‌ଏମ୍ ଯୋଗ ଦେଇଥିଲେ।

## ନିଲମ୍ବିତ ପିଇଓ ପ୍ରଶାନ୍ତ ଜେନାଙ୍କ ନାଁରେ ଏତଲା

ଚଣ୍ଡିଖୋଲ/ଛତିଆ, ୨୫।୩(ଡି.ଏନ୍.ଏ.):

ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ମଝିପଡ଼ାର ନିଲମ୍ବିତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ପ୍ରଶାନ୍ତ ଜେନାଙ୍କ ନାମରେ ବଡ଼ଚଣା ବିଡିଓ ବାଲିଚନ୍ଦ୍ରପୁର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏନେଇ ନଂ.୧୦୬/୨୩ରେ ଏକ ମାମଲା ରୁଜୁ ତଦନ୍ତ ଆରମ୍ଭ କରିଛି। ୨ ଦିନ ତଳେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଜେନାଙ୍କ ବିରୋଧରେ ଏତଲା ଦେବା ପାଇଁ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ସପ୍ତାହରେ ଜିଲାପାଳ ଉକ୍ତ ବ୍ଲକ୍‌ର ୨ ପିଇଓଙ୍କୁ ନିଲମ୍ବନ କରିବା ସହିତ ଜଣଙ୍କ ନାମରେ ଏତଲା ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

## ଜରି ଗ୍ରାମରେ ୨ ଯୁବକଙ୍କ ଅକାଳ ବିୟୋଗ

ସିଂହପୁର,୨୫।୩(ଡି.ଏନ.ଏ.):

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରି ପଞ୍ଚାୟତ ଜରି ବାଙ୍କ ଗ୍ରାମର ପ୍ରଶାନ୍ତ ମଲିକ(୩୬) ଓ ଅଜୟ ମଲିକ(୩୮) ଦୁଇ ଯୁବକଙ୍କ ଅକାଳ ବିୟୋଗ ହୋଇଛି। ଦୁଇଜଣଙ୍କ ପରଲୋକରେ ଗ୍ରାମର ଲୋକ ଶୋକ ପ୍ରକାଶ କରିଛନ୍ତି। ପରିବାରର ରୋଜଗାର ତଥା ଭେଣ୍ଡିଆ ପୁଅକୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି। ଶନିବାର ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲିକ ଦୁଇ ପରିବାର ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ସାନ୍ତ୍ୱନା ଦେବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନାରେ ଉକ୍ତ ପରିବାର ୨ଟିକୁ ସହାୟତା ଯୋଗାଇବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ସରପଞ୍ଚ ନନ୍ଦକିଶୋର ମଲିକ, ଜିଲା ବିଜେଡି ସମ୍ପାଦକ ପ୍ରଦ୍ୟୁମ୍ନ ପାତ୍ର, ପଞ୍ଚାୟତ ସଭାପତି ଉମେଶ ଚନ୍ଦ୍ର ଦାସ, ପ୍ରମୋଦ ସାମଲ, ପ୍ରାକ୍ତନ ସରପଞ୍ଚ ସନ୍ଧ୍ୟାରାଣୀ ପାତ୍ର, ମନୋଜ ସାମଲ, ଅମର ମଲିକ, ହିମାଂଶୁ ଧଳ, ଅନସୂୟା ମଲିକ, ସୁବ୍ରତ ସାମଲ ଓ ପ୍ରଶନ୍ନ ନାୟକଙ୍କ ସମେତ ବହୁ ବ୍ୟକ୍ତି ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

## ଗୋକର୍ଣ୍ଣିକା ସମ୍ପାଦକଙ୍କୁ ପ୍ରଫୁଲ୍ଲ ମହାନ୍ତି ସାରସ୍ୱତ ସମ୍ମାନ



ଗୋକର୍ଣ୍ଣିକା ସମ୍ପାଦକଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

ଧର୍ମଶାଳା,୨୫।୩(ଡି.ଏନ.ଏ.):

ପ୍ରଖ୍ୟାତ ସାରସ୍ୱତ ସାଧକ, ବାଗ୍ମୀ ଓ ବ୍ୟାସନଗର ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କ ୮ମ ପୁଣ୍ୟତିଥି ଓ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ ସାରଳା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସଂସଦ ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ଯୋଗଦେଇଥିଲେ। ଏହି ଅବସରରେ ସେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନାଙ୍କୁ ଚଳିତବର୍ଷର ମର୍ଯ୍ୟାଦାଜନକ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ସାରସ୍ୱତ ସମ୍ମାନ ସହ ଉପହାର ସ୍ୱରୂପ ୫ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର, ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

ମୁଖ୍ୟବକ୍ତା ଭାବେ ଏସ୍‌ଭିଏମ୍ କଲେଜର ଓଡ଼ିଆ ବିଭାଗ ମୁଖ୍ୟ ଅଧାପକ ଡ. ଜ୍ୟୋତିରଞ୍ଜନ ସାମଲ, ସମ୍ମାନିତ ଅତିଥି ଅଡ଼ସପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧାପିକା ଡ. କବିତା ମିଶ୍ର ଯୋଗଦେଇ ସ୍ୱର୍ଗତ ମହାନ୍ତି ଜଣେ ଜୀବନବାଦୀ ସାହିତ୍ୟିକ ଥିଲେ ବୋଲି କହିଥିଲେ। ସଂସଦର ଉପସଭାପତି ସଞ୍ଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦିକା କ୍ଷୀରାବ୍ଧୀ ତନୟା ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଜେନା ପୁରସ୍କାର ପାଇଥିବାରୁ ବିଭିନ୍ନ ମହଲରେ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି। ପୂର୍ବତନ ଏମ୍‌ପି ରୀତା ତରାଇ, ଧର୍ମଶାଳା ପ୍ରେସ୍ କ୍ଲବ୍ ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ, ସମ୍ପାଦକ ଅବିନେଶ୍ୱର ଶତପଥୀ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, କବି ସଂଗ୍ରାମ ଜେନା, ଯାଜପୁର ଲେଖକ ସମ୍ମେଳନ ସଭାପତି ରୁଦ୍ରନାରାୟଣ ପୃଷ୍ଟି, ଅନୁଷ୍ଠାନର ପୂର୍ବତନ ସମ୍ପାଦକ ହୃଷୀକେଶ ସାମଲ ପ୍ରମୁଖ ବହୁ ବ୍ୟକ୍ତି ଓ ଅନୁଷ୍ଠାନ ଜେନାଙ୍କୁ ଅଭିନନ୍ଦନ ଜଣାଯାଇଛନ୍ତି।

# ପୋଷ୍ୟ ସନ୍ତାନ ଗ୍ରହଣ ଉପରେ ପ୍ରଶିକ୍ଷଣ ଶିବିର



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ଯାଜପୁର ଟାଉନ,୨୫।୩(ଡି.ଏନ.ଏ.):

ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶିଶୁ ସୁରକ୍ଷା ୟୁନିଟ୍ ଯାଜପୁର ପକ୍ଷରୁ ପୋଷ୍ୟ ସନ୍ତାନ ଗ୍ରହଣ ଉପରେ ଏକଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯାଜପୁର ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ ଯୋଗଦେଇ କୌଣସି ଶିଶୁ ଅସହାୟ ନୁହେଁ। ଶିଶୁ ଅସୁରକ୍ଷିତ ହେବାର ଖବର ଆସିଲେ ବିଳମ୍ବ ନ କରି ତୁରନ୍ତ ଉଦ୍ଧାର କାର୍ଯ୍ୟ କରାଯିବ। ସରକାରଙ୍କ ନୂଆ ଶିଶୁ ସୁରକ୍ଷା ସ୍କିମ୍ ମିଶନ ବାତ୍ସଲ୍ୟ ଓ ପୋଷ୍ୟ ସନ୍ତାନ ଗ୍ରହଣ ନିୟମାବଳୀ ୨୦୨୨କୁ ବୁଝିବା ଓ କାର୍ଯ୍ୟକାରୀ ପାଇଁ ଉକ୍ତ ପ୍ରଶିକ୍ଷଣ ଫଳପ୍ରଦ ହେବ। ପ୍ରତ୍ୟେକ ଶିଶୁଙ୍କ ମୌଳିକ ଅଧିକାର ଯଥା ବଞ୍ଚିବା, ବିକଶିତ ହେବା, ସହଭାଗିତା ପାଇବା ଓ ସୁରକ୍ଷିତ ରହିବା ସମାଜ ଏବଂ ପରିବାରର ମୁଖ୍ୟ ଦାୟିତ୍ୱ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଅଧକ୍ଷତା କରିବା ସହ ଜିଲାର ଶିଶୁ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟିର ବରିଷ୍ଠ ସଦସ୍ୟ ଜୟନ୍ତ କୁମାର ଗୋସ୍ୱାମୀ, ତୃପ୍ତି ଜେନା, କିଶୋର ନାୟକ, ରମେଶ ଚନ୍ଦ୍ର ସେଠୀ, ଶିଶୁ ସୁରକ୍ଷା ଅଧିକାରୀ ସଂଯୁକ୍ତା ଘଡ଼ାଇ, ଓଏଲ୍‌ଏମ୍‌ର ପ୍ରଶାନ୍ତ ପାଢ଼ୀ, ସରକାରୀ ଆଇଟିଆଇ ଅଧକ୍ଷ ସବିତାରାଣୀ ସାହୁ ଓ ଚାଇଲ୍ଡଲାଇନ ସଂଯୋଜକ ବୀରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁ ସୁରକ୍ଷା ବିଭାଗର ଅର୍ଚ୍ଚନା କୁମାରୀ ସାମନ୍ତ, ମିହିର ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭାଗର ଥାନା କର୍ମକର୍ତ୍ତା ଶିଶିର କୁମାର ମଲ୍ଲିକ, କାଳୀପ୍ରସାଦ ସାହୁ, ପଦ୍ମଚରଣ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ।

ସେହିପରି ଦ୍ୱିତୀୟ ଅଧିବେଶନରେ ପ୍ରଶାନ୍ତ କୁମାର ପାଲଟାସିଂ ଯୋଗଦେଇ ଶିଶୁଙ୍କ ଯତ୍ନ, ସୁରକ୍ଷା ଓ ଥଇଥାନ ନିମନ୍ତେ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ରହିଛି। ଏହା କେବଳ ମହିଳା ଓ ଶିଶୁ ବିଭାଗର ଦାୟିତ୍ୱ ନୁହେଁ। ଏଥିରେ ଅନ୍ୟ ବିଭାଗ ଯଥା; ଶିକ୍ଷା, ସ୍ୱାସ୍ଥ୍ୟ, ଗୃହ ଓ ପଞ୍ଚାୟତିରାଜ ବିଭାଗର ସମ୍ମିଳିତ ଦାୟିତ୍ୱ ରହିଛି ବୋଲି କହିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଶିଶୁ ମଙ୍ଗଳ ସମିତିର ସଦସ୍ୟ, କିଶୋର ନ୍ୟାୟ ପରିଷଦ, ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ୍, ନର୍ସିଂହୋମ୍ କାର୍ଯ୍ୟକର୍ତ୍ତା ଓ ଚାଇଲ୍ଡଲାଇନ୍‌ର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଯଜ୍ଞମଣ୍ଡପ ମୁଣ୍ଡି ମରିଲା, କ୍ଷେତ୍ର ବୁଲିଲେ ସାଧୁସନ୍ଥ

## ବିରଜା ବିଶ୍ୱରୂପା ନବକୁଣ୍ଡୀୟ ବିଶ୍ୱକଲ୍ୟାଣ ମହାଯଜ୍ଞ ପ୍ରସ୍ତୁତି

ରସୁଲପୁର,୨୫।୩(ଡି.ଏନ.ଏ.):

ରସୁଲପୁର ବ୍ଲକ ଅନ୍ତର୍ଗତ ନଠୁଆବର ଓ ଶ୍ରୀବନ୍ତପୁର ପଞ୍ଚାୟତ ସୀମାନ୍ତବର୍ତ୍ତୀ ଭଗୀରଥପୁରସ୍ଥିତ କ୍ଷୀର ନଦୀ ପଠାରେ ମା' ବିରଜା ବିଶ୍ୱରୂପା ନବକୁଣ୍ଡୀୟ ବିଶ୍ୱକଲ୍ୟାଣ ମହାଯଜ୍ଞ ଏପ୍ରିଲ ୨ରୁ ଆରମ୍ଭ ହେବ। ଏଥି ସକାଶେ ପ୍ରସ୍ତୁତି କାର୍ଯ୍ୟ ଦ୍ରୁତଗତିରେ ଆଗେଇଚାଲିଛି। ଶୁକ୍ରବାର ଅପରାହ୍ନରେ ଯଜ୍ଞ ମଣ୍ଡପ ମୁଣ୍ଡି ମରିଛି। ମଣ୍ଡପର ଛାଆଣି କାର୍ଯ୍ୟ ଶେଷ ପରେ ଛପର ମଥାଣ ଉପରେ ଶୁଭ ଧ୍ୱଜା ଲଗାଯାଇଛି। ଏହି ଅବସରରେ ରାଷ୍ଟ୍ରୀୟ ସନ୍ଥ ସମ୍ମିଳନୀ ଆୟୋଜନ କରାଯିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଯଜ୍ଞ କାର୍ଯ୍ୟକୁ ଅଧିକ ଶୃଙ୍ଖଳିତ ସହ ପବିତ୍ରତା ବଜାଇ ରଖିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିସକାଶେ ସାଧୁସନ୍ଥ ସଂଯୁକ୍ତ ସନାତନ ଗୋ-ରକ୍ଷା ବାହିନୀର ରାଷ୍ଟ୍ରୀୟ ମହାସଚିବ ସ୍ୱାମୀ ବିଷ୍ଣୁଗିରି ମହାରାଜ, ପଞ୍ଚଦଶ ଯମୁନା ଆଖଡ଼ାର ନାଗା ସନ୍ନ୍ୟାସୀ ଦିନବନ୍ଧୁ ଗିରି, ବାବାଜୀ ଆର୍ତ୍ତତ୍ରାଣ ଦାସଙ୍କ ସମେତ ବିଭିନ୍ନ ଅଞ୍ଚଳର ମଠ ମହନ୍ତ, ବାବାଜୀ ସାଧୁସନ୍ଥ କ୍ଷେତ୍ର ପରିଦର୍ଶନ କରିବା ସହ ଯଜ୍ଞ ପଡ଼ିଆର ଅଗ୍ରଗତି ଓ ବିଭିନ୍ନ ବ୍ୟବସ୍ଥାର ସ୍ଥିତି ସମୀକ୍ଷା କରିଛନ୍ତି।



ଯଜ୍ଞ ପାଇଁ ତିଆରି ହୋଇଥିବା ମଣ୍ଡପ।

ଯଜ୍ଞର ମୁଖ୍ୟ ପୁରୋଧା ବିରଜା ପୁତ୍ର ପୂଜ୍ୟ ସ୍ୱାମୀ ଉଦୟାନନ୍ଦ ପର୍ବତ ମହାରାଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହେବାକୁ ଥିବା ଏହି ଯଜ୍ଞ ପାଇଁ ବ୍ୟାପକ ପ୍ରଚାର ପ୍ରସାର କରାଯାଉଛି। ପଶ୍ଚିମାଝଡ଼ ଯୋଗୁ ପ୍ରତିକୂଳ ପାଗ ସତ୍ତ୍ୱେ ଯଜ୍ଞ ପଡ଼ିଆର ଉନ୍ନତୀକରଣ କାର୍ଯ୍ୟ ଆଗକୁ ବଢ଼ିଚାଲିଛି। ସ୍ଥାନୀୟ ୫ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଯୁବକମାନେ ଯଜ୍ଞ ପ୍ରସ୍ତୁତିରେ ସହାୟକ ହେଉଛନ୍ତି। ଯଜ୍ଞ କାର୍ଯ୍ୟର ସୁପରିଚାଳନା ପାଇଁ ଗଠିତ ଆଞ୍ଚଳିକ ଯଜ୍ଞ କମିଟିରେ ଶୁଭେଚ୍ଛୁଙ୍କ ଯୋଗଦାନ ବଢ଼ିବାରେ ଲାଗିଛି। ବିଶ୍ୱକଲ୍ୟାଣ, ପରିବେଶକୁ ପ୍ରଦୂଷଣମୁକ୍ତ କରିବା, ସାଧୁସନ୍ଥଙ୍କ ମୁଖ ନିସୃତ ସମାଜ କଲ୍ୟାଣ ସାଧନ ବାଣୀକୁ ପ୍ରଚାର କରିବାରେ ସମସ୍ତେ ବ୍ରତୀ ହେବାକୁ ପୁରୋଧା ସନ୍ନ୍ୟାସୀ ପର୍ବତ ମହାରାଜ ପରାମର୍ଶ ଦେଇଛନ୍ତି। ମା' ବିଶ୍ୱରୂପା ବିରଜା ଦେବୀଙ୍କ ୨୦ଫୁଟ ଉଚ୍ଚର ମୃଣ୍ମୟୀ ମୂର୍ତ୍ତି ସ୍ଥାପନ ଓ ତାର ସ୍ୱତନ୍ତ୍ର ପୂଜାବିଧି ସମ୍ପର୍କରେ ବିଶେଷ ଧ୍ୟାନଦେବା ସହ ସେ ଦିଗରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। କାଳବୈଶାଖୀ ଓ ଝଡ଼ ତୋଫାନ ସତ୍ତ୍ୱେ ଯଜ୍ଞ କାର୍ଯ୍ୟକୁ କିଭଳି ସଫଳ କରାଯିବ ସେଥିପ୍ରତି ଧ୍ୟାନ ଦିଆଯାଉଛି। ଏଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଆୟୋଜକ ଓ ଶୁଭେଚ୍ଛୁଙ୍କ ମତାମତ ନିଆଯିବା ସହ ସାଧୁଗ୍ରାମ ପ୍ରତିଷ୍ଠା, ସାଧୁସନ୍ଥଙ୍କ ଅବସ୍ଥାନ ସୁବିଧା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଧାର୍ମିକ ମଞ୍ଚ ଓ ଯଜ୍ଞ ମଣ୍ଡପର ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଉଛି। ଯଜ୍ଞ ସମୟରେ କାରିଗର, ମଞ୍ଚ ପରିଚାଳକ, ଆଲୋକ ସଜ୍ଜା ଓ ଟେଣ୍ଟ ହାଉସ କର୍ମଚାରୀ ପ୍ରମୁଖଙ୍କ ଯଜ୍ଞସ୍ଥଳରେ ୨୪ ଘଣ୍ଟିଆ ଉପସ୍ଥିତିକୁ ନିଶ୍ଚିତ କରିବାକୁ କୁହାଯାଇଛି। ଯଜ୍ଞ ପରିଚାଳନା ଦାୟିତ୍ୱ ଯୁବକମାନଙ୍କ ଉପରେ ନ୍ୟସ୍ତ କରାଯିବା ସହ ବରିଷ୍ଠ ସଭ୍ୟ ଓ କାର୍ଯ୍ୟକର୍ତ୍ତା ଯଜ୍ଞ ପରିଚାଳନା ଦାୟିତ୍ୱ ତଦାରଖ କରିବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଘରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

**ଆଳି,୨୫।୩(ଡି.ଏନ୍.ଏ.):** କିଛି ଦିନର ନିରବତା ପରେ ପୁଣି ଆଳି ଅଞ୍ଚଳରେ ଲୁଟେରା ମାତିଛନ୍ତି। ସୂଚନା ଅନୁଯାୟୀ ଗତ ଶୁକ୍ରବାର ରାତିରେ କଟକ-ଚାନ୍ଦବାଲି ରାସ୍ତାର ଆଳି ବଢିହ ଗ୍ରାମର ବିଭୁତି ନାୟକଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘର ଗ୍ରୀଲ ତାଡ଼ି ଘରୁ ନଗଦ ୧୦ ହଜାର ଟଙ୍କା ସହିତ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟି ନେଇଛନ୍ତି। ଶନିବାର ସକାଳେ ଖବର ପାଇ ନାୟକ ଆଳି ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ ୩୧୬/୨୩) ରୁଜୁ କରିବା ସହିତ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାର ଅଧିକ ତଦନ୍ତ ନିମନ୍ତେ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁରର ସହାୟତା ନିଆଯାଇଛି। ସାଇଣ୍ଟିଫିକ ଟିମ୍ ତଥ୍ୟ ସଂଗ୍ରହ କରିଛି। ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ଦିଲ୍ଲୀପ ସାହୁ ସୂଚନା ଦେଇଛନ୍ତି।

### ବ୍ୟାଙ୍କିଙ୍ଗ ସେବା, ଋଣ କର୍ମଶାଳା

**ମାର୍ଶାଘାଇ,୨୫।୩ (ଡି.ଏନ୍.ଏ.):** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଗରଜଙ୍ଗା ପ୍ରାଥମିକ କୃଷି ସେବା ସମବାୟ ସମିତି ପକ୍ଷରୁ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ସୁରେଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ, ସମବାୟବିତ୍ ପ୍ରଫୁଲ୍ଲ ଚନ୍ଦ୍ର ଦାସ, କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳକ ଦୁର୍ଗାମାଧବ ନନ୍ଦ ଓ ବ୍ୟାଙ୍କ ସୁପରଭାଇଜର ଅନିଲ କୁମାର ଦାସ ଯୋଗଦେଇଥିଲେ। ସମବାୟ ବ୍ୟାଙ୍କ ଜରିଆରେ କୃଷକଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଓ ଗୋଷ୍ଠୀଙ୍କୁ ୫ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ବିନା ସୁଧରେ ଋଣ ପ୍ରଦାନ କରାଯାଉଥିବା ନେଇ ସେମାନେ କହିଥିଲେ। ସମିତି ନିର୍ଦ୍ଦେଶକ ପ୍ରଣବ କିଶୋର ସାମଲ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ବିପୁଳ ନାୟକ, ସମିତି ଉପସଭାପତି ବନଲତା ନାୟକ, ନିର୍ଦ୍ଦେଶକ ବବିତା ଦାସ, ପ୍ରଫୁଲ୍ଲ ଦାସ, ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### କ୍ଲଷ୍ଟରସ୍ତରୀୟ ଖେଳଣା ପ୍ରସ୍ତୁତି କର୍ମଶାଳା

**ମହାକାଳପଡ଼ା,୨୫।୩(ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ବଉଳକଣି ପଞ୍ଚାୟତ ଅରୁଣ ନଗରସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଖେଳଣା ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଦୁଇଦିନିଆ ଏହି କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଛି। କର୍ମଶାଳାରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମିନତୀ ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କ ଦ୍ୱାରା ଖେଳଣା ପ୍ରସ୍ତୁତ ଉଚ୍ଚକୋଟୀର ବୋଲି ପ୍ରଶଂସା କରିଥିଲେ। ଏହି କର୍ମଶାଳାରେ ସିଆରସିସି ପ୍ରଦ୍ୟୁମ୍ନ କୁମାର ଦାସ ସଭାପତିତ୍ୱ କରିଥିଲେ। ପ୍ରଧାନଶିକ୍ଷକ ଅଜୟ କୁମାର ରାଉତ, ଶିକ୍ଷକ ଗୀତାଞ୍ଜଳି ରାଉତ, ମାନସୀ ବାଗ, ଦୀପକ ବେହେରା, ଉଦୟନାଥ ବେହେରା, ସରସ୍ୱତୀ ମଣ୍ଡଳ, ସତ୍ୟ ରଞ୍ଜନ ସାମନ୍ତରାୟଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# କେନାଲ ଜଳସେଚନ କାଗଜପତ୍ରରେ ଚାଲିଛି

**କେନ୍ଦ୍ରାପଡ଼ା ଅଫିସ, ୨୫।୩**



କଲବୁଡା ନିକଟରେ କେନାଲ ଶୁଖିଲା ପଡିଛି।

- ରାଜସ୍ୱ ମିଳୁନି, ସମନ୍ୱୟ କମିଟି ବସୁନି
- ଦ୍ରୁତ ଜନସଂଖ୍ୟା ପାଇଁ ଚାଷଜମିର କିସମ ପରିବର୍ତ୍ତନ
- ୨୫ ବର୍ଷରେ ଏକ ଇଞ୍ଚ ଜମିର କେନାଲ ଖନନ ହୋଇନି

କେନ୍ଦ୍ରାପଡ଼ା ଜିଲାରେ ଶିଳ୍ପ ନାହିଁ। କୃଷିକୁ ୭୯ ପ୍ରତିଶତ ପରିବାର ଜୀବିକା କରିଛନ୍ତି। ହେଲେ ଜିଲାରେ କେନାଲ ଜଳସେଚିତ ଅଞ୍ଚଳ ଭାବେ ଯାହା କାଗଜପତ୍ରରେ ଦେଖାଯାଉଛି, ତାହା ବାସ୍ତବିକ ସତ୍ୟ ନୁହେଁ ବୋଲି ରାଜସ୍ୱ ବୈଠକରେ ବହୁବାର ଆଲୋଚନା ହେଉଛି। ଚିହ୍ନଟ ଜମିର ଜଳକର ମିଳୁ ନ ଥିବାବେଳେ ପ୍ରଶାସନିକସ୍ତରରେ ଏଥିପାଇଁ ସମନ୍ୱୟ କମିଟି ବସିବା ସମ୍ଭବ ହେଉନାହିଁ। ପୂର୍ବତନ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ କହିଛନ୍ତି ଯେ, ଏ ନେଇ ବିଭିନ୍ନ ବିଭାଗକୁ ସୂଚନା ଅଧିକାର ଆଇନରେ ତଥ୍ୟ ମଗାଯାଇଥିଲା। ରାଜସ୍ୱ ବିଭାଗ ତଥ୍ୟ ଅନୁଯାୟୀ, ଜିଲାର ମୋଟ ୮୫,୯୨୦ ଏକର ଜମି ପାଇଁ ଜଳ କର ଧାର୍ଯ୍ୟ ହୋଇଛି। ଅପରପକ୍ଷରେ କୃଷି ବିଭାଗ, ଜଳ ସମ୍ପଦ ବିଭାଗ ଓ ଉଠା ଜଳସେଚନ ବିଭାଗ ତଥ୍ୟ ଅନୁଯାୟୀ, କେନାଲ ମାଧ୍ୟମରେ ୪୬,୭୨୭ ହେକ୍ଟର ଅର୍ଥାତ ୧,୧୫,୪୪୫ ଏକର ଜମିକୁ ଜଳ ଯୋଗାଣ ହେଉଛି। ଯାହା ରାଜସ୍ୱ ବିଭାଗ ତଥ୍ୟଠାରୁ ୨୯,୫୪୫ ଏକର ଅଧିକ। ଜିଲାର ଆଳି, ରାଜନଗର, ରାଜକନିକା ବ୍ଲକ ଅଞ୍ଚଳରେ କେନାଲ ନାହିଁ।

ଡେରାବିଶ ତହସିଲ ଅଞ୍ଚଳରେ କୃଷି ବିଭାଗ ୨୬,୬୯୦ ଏକର ଜମିରେ ପାଣି ମାଡୁଥିବା ଦର୍ଶାଯାଇଥିବା ବେଳେ ରାଜସ୍ୱ ବିଭାଗ ପକ୍ଷରୁ ୨୪,୨୩୧ ଏକର ଜମି ପାଇଁ କର ଧାର୍ଯ୍ୟ ହୋଇଛି। ଗରଦପୁର ତହସିଲ ଅଞ୍ଚଳରେ କୃଷି ବିଭାଗର ୨୫୯୨ ଏକରରୁ ରାଜସ୍ୱ ବିଭାଗ ୨୦୯୪ ଏକର, କେନ୍ଦ୍ରାପଡ଼ାରେ ୩୩,୪୮୫ ଏକରରୁ ୩୦,୦୮୪ ଏକର, ମାର୍ଶାଘାଇରେ ୧୧,୦୩୦ ଏକରରୁ ୮୦୫୦ ଏକର, ମହାକାଳପଡ଼ାରେ ୭୪୩୦ ଏକରରୁ ୫୪୧୯ ଏକର ଓ ପଟ୍ଟାମୁଣ୍ଡାଇ ତହସିଲ ଅଞ୍ଚଳରେ ୨୭,୩୬୨ ଏକରରୁ ୧୬,୦୮୭ ଏକର ଜମିରେ ଜଳ କର ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏ ସମ୍ପର୍କରେ ଅଇନଜୀବୀ ସରୋଜରାଜ ସିଂହ କହିଛନ୍ତି, ଜିଲାପାଳଙ୍କ ଅଧକ୍ଷତାରେ ରାଜସ୍ୱ, ଜଳସମ୍ପଦ, ଉଠା ଜଳସେଚନ, କୃଷି ବିଭାଗୀୟ ଅଧିକାରୀଙ୍କର ଏକ ସମନ୍ୱୟ କମିଟି ବସିବା ପାଇଁ ନିୟମ ହୋଇଛି। କମିଟିର ଏହି ବୈଠକରେ ଜଳସେଚିତ ଜମିର ଆକଳନ ସହ ଅର୍ଥକରୀ ଫସଲ ଉତ୍ପାଦନ ସମ୍ପର୍କରେ ଯୋଜନା ପ୍ରସ୍ତୁତ ହୋଇଥାଏ। ଫଳରେ ଜିଲାର କୃଷିନୀତି ସଫଳ ହେବା ସହ ରାଜସ୍ୱ ଆଦାୟ ପଥ ସୁଗମ ହୁଏ। ତେବେ ୧୦ ବର୍ଷ ମଧ୍ୟରେ ଏପରି ସମନ୍ୱୟ ବୈଠକ ବସିଥିବା ଜଣାପଡ଼ିନାହିଁ। ଫଳରେ ରାଜସ୍ୱ ଆଦାୟ ବାଧାପ୍ରାପ୍ତ ସହ ପ୍ରକୃତ ଜଳସେଚନ ଜମିର ଆକଳନ ହୋଇପାରୁନାହିଁ। ଏହା ବ୍ୟତୀତ ପ୍ରତିବର୍ଷ ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ଜଳସେଚିତ ଚାଷ ଜମିକୁ ଘରବାଡି କିସମକୁ ପରିବର୍ତ୍ତନ କରାଯାଉଛି। ଏହି କିସମ ପରିବର୍ତ୍ତନ ଜିଲା ପାଇଁ ଏକ ସମସ୍ୟା ଆଣିଛି। ପ୍ରାୟ ହଜାରରୁ ଅଧିକ ଚାଷ ଜମିର କିସମ ପରିବର୍ତ୍ତନ ପାଇଁ ତହସିଲଗୁଡ଼ିକରେ ଆବେଦନ ପତ୍ର ପଡ଼ି ରହିଥିବା ସେ ଦର୍ଶାଇଛନ୍ତି। ବୁଦ୍ଧିଜୀବୀ ଚିତ୍ତରଞ୍ଜନ ଦାସ କୁହନ୍ତି, ରାଜ୍ୟ ସରକାର ପ୍ରତି ବ୍ଲକ ଅଞ୍ଚଳର ଚାଷ ଜମି ମଧ୍ୟରୁ ଅନ୍ୟୂନ ୩୫ ପ୍ରତିଶତ ଜମିକୁ ଜଳସେଚନ ପାଇଁ ଘୋଷଣା କରିଛନ୍ତି। ତେବେ ଜିଲାରେ ୨୫ ବର୍ଷ ମଧ୍ୟରେ ଗୋଟିଏ ଇଞ୍ଚ କେନାଲ ଖୋଳା ଯାଇନାହିଁ। ଜିଲାର ବହୁ କେନାଲ ପୋତି ହୋଇପଡ଼ିବାରୁ ଖେଳ ପଡ଼ିଆରେ ପରିଣତ ହୋଇଛି। ଉନ୍ନତୀକରଣ ନାମରେ ଅର୍ଥ ବ୍ୟୟ ହେଉଥିଲେ ମଧ୍ୟ କେନାଲର ଶେଷ ମୁଣ୍ଡରେ ପାଣି ପହଞ୍ଚି ପାରୁନାହିଁ। ଏପରି କି କେନାଲ ନିକଟସ୍ଥ ଜମି ଜଳସେଚିତ ନ ହେବାରୁ ଜଳକର ନ ଦେବାକୁ ଚାଷୀମାନଙ୍କ ପକ୍ଷରୁ ଆନ୍ଦୋଳନ ହେଉଛି। ତୁରନ୍ତ ଏଥିପ୍ରତି ଜିଲାପାଳ, ଆରଡିସି ଓ ଜଳ ସମ୍ପଦ ବିଭାଗ ନଜର ଦେବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ନୂତନ କେନାଲ ଖନନ ସମୟରେ ରାଜସ୍ୱ ବିଭାଗ ସହ ଜଳସମ୍ପଦ ବିଭାଗ ଓ ଅନ୍ୟ ବିଭାଗର ସମନ୍ୱୟ କମିଟି ବସିଥାଏ। ଏଥିରେ ଜଳସେଚନ ଯୋଗ୍ୟ କ୍ଷେତ୍ରଫଳ ହିସାବକୁ ନିଆଯାଇଥାଏ। ଜିଲାରେ ଜଳକର ଆଦାୟ ହେଉଥିବା ଜମିର ପୁନଃ ସମୀକ୍ଷା ହେଲେ ରାଜସ୍ୱ ବଢ଼ିବା ସହିତ କୃଷି ନୀତି ସଫଳ ହେବ ବୋଲି ସେ କହିଛନ୍ତି।

### ସମବାୟ ବ୍ୟାଙ୍କିଙ୍ଗ ସେବା,ଋଣ କର୍ମଶାଳା

**ପାଟକୁରା୨୫।୩(ଡି.ଏନ୍.ଏ.)**

ଗରଦପୁର ବ୍ଲକ ବଙ୍ଗାଳପୁର ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟର ସଭାଗୃହରେ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ରମେଶ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ସମବାୟ ବ୍ୟାଙ୍କ ଶାଖା ପରିଚାଳକ ସୁଶୋଭନ ନାୟକ ଯୋଗଦେଇଥିଲେ। ସମବାୟ ବ୍ୟାଙ୍କ ସେବା ସହ କିଭଳି ଚାଷୀ ଋଣ ନେଇ ପାରିବେ ଓ ପରିଶୋଧ କରିବେ ସେନେଇ ସେ ଆଲୋଚନା କରିଥିଲେ। ଏଥିସହ ସରକାରଙ୍କ ବିଚାର ଧାରାକୁ ଦୃଷ୍ଟିରେ ରଖି ଏବେ ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ୩ ଲକ୍ଷରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ ପାଇଁ ସ୍ଥିର ହୋଇଛି। ସଚେତନତା ଶିବିର ମାଧ୍ୟମରେ ଅଧିକ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ କିଭଳି ଋଣ ଦିଆଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା । ସମିତିକୁ କମ୍ପ୍ୟୁଟରୀକରଣ ସହ ଏକ ମିନି ବ୍ୟାଙ୍କ ସ୍ଥାପନ ପାଇଁ ଚାଷୀମାନେ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ସତ୍ୟାନନ୍ଦ ରାଉତ, ସରପଞ୍ଚ ଅମିୟ କୁମାର ଜେନା,ପୂର୍ବତନ ସମିତି ସଭ୍ୟା ଜ୍ୟୋତି ରଞ୍ଜନ ନାୟକ, ସମିତି ପରିଚାଳନା ସଭ୍ୟ ଭରତ ଚନ୍ଦ୍ର ରାଉତ, ପ୍ରଦୀପ ସାମଲ, ସଞ୍ଜୟ ସ୍ୱାଇଁ, ଅଚ୍ୟୁତାନନ୍ଦ ମଲ୍ଲ, ଦିପ୍ତିରଞ୍ଜନ କାନୁନଗୋ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସମିତି ସମ୍ପାଦକ ସତ୍ୟରଞ୍ଜନ ପାତ୍ର ସ୍ୱାଗତ ଭାଷଣ ଓ ଉପାଧକ୍ଷା ସୁପ୍ରଭା ରାଉତ ଧନ୍ୟବାଦ ଦେଇଥିଲେ।

# ଇନ୍ଦୁପୁର ବାରୁଣୀ ଯାତ୍ରା ଉଦ୍‌ଯାପିତ



ବାରୁଣୀ ଯାତ୍ରାରେ ଲୋକଙ୍କ ଭିଡ଼।



ପଥର ତିଆରି ସାମଗ୍ରୀ କିଣିବା ପାଇଁ ଜଣେ ମହିଳା ମୂଲଚାଲ କରୁଛନ୍ତି।

**ଡେରାବିଶ,୨୫।୩(ସ୍ୱ.ପ୍ର.)**

- ଘରକରଣା ସାମଗ୍ରୀ କିଣିଲେ ମହିଳା
- ଫାଷ୍ଟଫୁଡ୍‌ର ମଜା ଉଠାଇଲେ ଯୁବଗୋଷ୍ଠୀ

କେନ୍ଦ୍ରାପଡ଼ା ଜିଲାର ପ୍ରସିଦ୍ଧ ଇନ୍ଦୁପୁର ବାରୁଣୀ ଯାତ୍ରା ଶନିବାର ଶେଷ ହୋଇଛି । ବିରୂପା ନଦୀ କୂଳରେ ଥିବା ମା'ଚଣ୍ଡୀଙ୍କ ପୀଠରେ ଗତ ରବିବାର ଠାରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ୭ଦିନ ଧରି ଚାଲିଥିଲା । କେନ୍ଦ୍ରାପଡ଼ା ଜିଲା ସମେତ ସମଗ୍ର ରାଜ୍ୟରେ ପ୍ରସିଦ୍ଧି ଲାଭ କରିଥିବା ଏହି ଯାତ୍ରାରେ ଦିନକୁ ଦିନ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା । ଚଳିତ ବର୍ଷ ଯାତ୍ରାରେ ବିଭିନ୍ନ ଘରକରଣା ସାମଗ୍ରୀ ଓ ଖାଦ୍ୟ ସାମଗ୍ରୀ ଦୋକାନ ସଂଖ୍ୟା ବିଗତ ବର୍ଷ ତୁଳନାରେ ଅଧିକ ଥିଲା । ଘରକରଣା ସାମଗ୍ରୀ କିଣିବା ପାଇଁ ମହିଳାଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ସେହିପରି ଗୁପଚୁପ, ଚାଓମିନ୍, ଓ ଫାଷ୍ଟଫୁଡ୍ ଦୋକାନରେ ଭିଡ଼ ଲାଗିରହିଥିଲା।

ଚଳିତ ବର୍ଷ ବୌଦ୍ଧପୀଠ ଲଳିତଗିରି ଗ୍ରାମରୁ ପଥର ତିଆରି ଘରକରଣା ସାମଗ୍ରୀର ଚାହିଦା ବିଶେଷ ପରିଲକ୍ଷିତ ହୋଇଥିଲା । ପଥର ବ୍ୟବସାୟୀ ରମାକାନ୍ତ ସାମଲ କୁହନ୍ତି, ଦୀର୍ଘ ବର୍ଷ ହେବ ଏହି ବାରୁଣୀ ଯାତ୍ରାକୁ ପଥର ତିଆରି ଚକି, ଶିଳ, ଚଉଁରା, ଚନ୍ଦନ ପେଡ଼ି ସମେତ ବହୁ ସାମଗ୍ରୀ ଆଣିଥାଏ । ତେବେ ଚଳିତ ବର୍ଷ ପାଗ ଅନୁକୂଳ ଥିବାରୁ ଭଲ ବ୍ୟବସାୟ ହୋଇଛି । ସେହିପରି ବାଉଁଶ ତିଆରି ସାମଗ୍ରୀ ଦୋକାନରେ ବିଶେଷ ଭିଡ଼ ପରିଲକ୍ଷିତ ହେଉଥିବା ଦେଖିବାକୁ ମିଳିଥିଲା । ମାତ୍ର ଏହି ପ୍ରାଚୀନ ବାରୁଣୀ ଯାତ୍ରା କେନ୍ଦ୍ରାପଡ଼ା ସହ ପଡ଼ୋଶୀ ଯାଜପୁର ଜିଲାବାସୀଙ୍କ ମଧ୍ୟରେ ସାମାଜିକ ସମ୍ପର୍କ ସୁଦୃଢ଼ କରିବାରେ ସହାୟକ ହୋଇଛି। ବିରୂପା ନଦୀର ଉଭୟ ପାର୍ଶ୍ୱରେ ଥିବା ଦୁଇ ଜିଲାବାସୀଙ୍କ ଭାଇଚାରାର ସ୍ମୃତି ବହନ କରୁଥିବା ବାରୁଣୀ ଯାତ୍ରା ଏହି ଅଞ୍ଚଳବାସୀଙ୍କ ପାଇଁ ମୁଖ୍ୟ ପର୍ବ ଭାବେ ପରିଚିତ ଲାଭ କରିଥିଲା। କାଳକ୍ରମେ ବିରୂପା ନଦୀର ଇନ୍ଦୁପୁରଠାରେ ଏକ ସେତୁ ନିର୍ମାଣ ହେବା ପରେ ଏହି ଯାତ୍ରାରେ ଭିଡ଼ ବୃଦ୍ଧି ପାଇଛି। ଏଥି ସହିତ ବାରୁଣୀ ଯାତ୍ରା ସହ ଅଧିକ ସମ୍ପର୍କ ସ୍ଥାପନ କରିଥିବା ନଦୀ କୂଳରେ ମା'ଚଣ୍ଡୀଙ୍କ ମନ୍ଦିର ଅଞ୍ଚଳବାସୀଙ୍କ ପାଇଁ ଆଧାତ୍ମିକ କେନ୍ଦ୍ରବିନ୍ଦୁ ପାଲଟିଛି। ଦୀର୍ଘ ଏକ ବର୍ଷର ପ୍ରତୀକ୍ଷା ପରେ ବାରୁଣୀ ଯାତ୍ରାକୁ ଉଭୟ ଜିଲାର ଅଧିବାସୀ ୭ ଦିନ ଧରି ଉପଭୋଗ କରିଥାନ୍ତି।

ଚଳିତ ବର୍ଷ ବିରୁପା ନଦୀ ପଠାରେ ପ୍ରଥମ କରି ୪ ଦିନ ଧରି ବାରୁଣୀ ମହୋତ୍ସବ ଆରମ୍ଭ ହୋଇଥିଲା । ଇନ୍ଦୁପୁର ଓ ଦୁମାତ ପଞ୍ଚାୟତ ପକ୍ଷରୁ ଯାତ୍ରୀଙ୍କ ସୁବିଧା ପାଇଁ ଜଳଛତ୍ର ଖୋଲାଯିବା ସହ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଭିଡ଼କୁ ନିୟନ୍ତ୍ରଣ କରୁଥିବା ଦେଖିବାକୁ ମିଳିଥିଲା । ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରିଆ, ନିକିରେଇ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ସ୍ୱାଇଁ, ଏଏସ୍‌ଆଇ ରଣେନ୍ଦ୍ର ସାମଲଙ୍କ ସମେତ ୮ ଜଣ ପୋଲିସ ଅଧିକାରୀ ଓ ୧ ପ୍ଲାଟୁନ୍ ପୋଲିସ୍ ଫୋର୍ସ ଉପସ୍ଥିତ ରହିଥିଲେ । ଇନ୍ଦୁପୁର ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇଥିବା ବେଳେ କେନ୍ଦ୍ରାପଡ଼ା ଅଗ୍ନିଶମ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ । ତେବେ ଚଳିତ ବର୍ଷ ଯାତ୍ରାକୁ ଶୃଙ୍ଖଳିତ କରିଥିବାରୁ ଜିଲା ପ୍ରଶାସନ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଇନ୍ଦୁପୁର ସରପଞ୍ଚ ତଥା ମହୋତ୍ସବ କମିଟିର ସଭାପତି ପ୍ରଦୀପ ରଞ୍ଜନ ସୂତାର କୃତଜ୍ଞତା ଜଣାଇଛନ୍ତି ।

# ଚିରଞ୍ଜୀବୀ ସଭାପତି, ଅକ୍ଷୟ ସମ୍ପାଦକ

## ଆଳି ବାର ଆସୋସିଏଶନ ନିର୍ବାଚନ

**ଆଳି,୨୫।୩(ଡି.ଏନ.ଏ.)**

ଶନିବାର ଆଳି ବାର ଆସୋସିଏଶନ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିରଞ୍ଜୀବୀ ଦାସ ସଭାପତି ଓ ଅକ୍ଷୟ ମଲ୍ଲିକ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ମୃତ୍ୟୁଞ୍ଜୟ ସାମଲ, ସହ ସମ୍ପାଦକ ସୂର୍ଯ୍ୟମଣି ସାମଲ ଓ ପାଠାଗାର ସମ୍ପାଦକ ସୁଶାନ୍ତ କୁମାର ଦିକ୍ଷିତ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଶରତ ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି । ଏହାପୂର୍ବରୁ ଯୁଗ୍ମ ସମ୍ପାଦକ ଭାବେ ଅଣାକାର ବାରିକ ଓ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଭାବେ ଭିକାରୀ ଚରଣ ସାମଲ ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ ହୋଇଥିଲେ। ସଭାପତି ପଦ ପାଇଁ ଚିରଞ୍ଜୀବୀ ଦାସ,ବସନ୍ତ କୁମାର ନାୟକ ଓ କ୍ଷୀରୋଦ ପରିଡ଼ା ପ୍ରତିଦ୍ୱନ୍ଦିତା କରୁଥିଲେ। ଚିରଞ୍ଜିବୀ ୩୯ ଖଣ୍ଡ ଭୋଟ ପାଇ ଥିବା ବେଳେ ବସନ୍ତ କୁମାର ନାୟକ ୨୩ ଖଣ୍ଡ ଭୋଟ ଓ କ୍ଷୀରୋଦ ପରିଡ଼ା ୨ ଖଣ୍ଡ ଭୋଟ ପାଇଥିଲେ। ସମ୍ପାଦକ ପଦବୀରେ ଅକ୍ଷୟ କୁମାର ମଲ୍ଲିକ ୩୫ଖଣ୍ଡ ଭୋଟ ପାଇଥିବା ବେଳେ ନୃସିଂହ ଚନ୍ଦ୍ର ଦିକ୍ଷିତ ୨୯ ଖଣ୍ଡ ଭୋଟ ପାଇଥିଲେ। ଆଳି ବାର ଆସୋସିଏଶନର ୬୪ ଜଣ ସଦସ୍ୟା,ସଦସ୍ୟ ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରିଥିଲେ।




ଆଳି ବାର୍ ଆସୋସିଏଶନର ନବ ନିର୍ବାଚିତ କର୍ମକର୍ତ୍ତା।

# ମହାବୀରଙ୍କ ଜନ୍ମୋତ୍ସବ ପାଇଁ କଳସ ଶୋଭାଯାତ୍ରା



ମହିଳାମାନେ କଳସ ଶୋଭାଯାତ୍ରାରେ ଯଜ୍ଞସ୍ଥଳକୁ ଯାଉଛନ୍ତି।

**ମାର୍ଶାଘାଇ,୨୫।୩(ଡି.ଏନ୍.ଏ.)**

ସ୍ଥାନୀୟ ଜୟଚନ୍ଦ୍ରପୁର ଗ୍ରାମର ମେଳଣ ପଡ଼ିଆଠାରେ ଶ୍ରୀ ଅନନ୍ତ ମହାବୀରଙ୍କ ଅଷ୍ଟମ ବାର୍ଷିକ ଜନ୍ମୋତ୍ସବ ପାଳିତ ହେଉଛି । ଏହି ଅବସରରେ ଶନିବାର ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଗ୍ରାମର ମହିଳମାନେ ପବିତ୍ର ଜଳ ସଂଗ୍ରହ କରିବା ପରେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଯଜ୍ଞସ୍ଥଳରେ ପହଞ୍ଚି ଥିଲେ । ୩ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ପାରମ୍ପରିକ ରୀତିରେ ଆଙ୍କୁରାରୋପଣ, ସୂର୍ଯ୍ୟପୂଜା, କଳସା ଧୀସ, ଅଗ୍ନି ସ୍ଥାପନ, ଯଜ୍ଞ ଆରମ୍ଭ, ଯଜ୍ଞ ଆହୁତି ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।

# ସଙ୍କଟରେ କୁମ୍ଭକାରଙ୍କ କୌଳିକ ବୃତ୍ତି

**ପଟ୍ଟାମୁଣ୍ଡାଇ,୨୫।୩(ସ୍ୱ.ପ୍ର.)**



ବଜାରରେ ବିକ୍ରି ପାଇଁ ରହିଥିବା ମାଟି ତିଆରି ସାମଗ୍ରୀ ।

- ସରକାରୀ ପ୍ରୋତ୍ସାହନ କି ସହାୟତା ନାହିଁ
- ବଜାର ଚାହିଦା ବି କମୁଛି
- ହାତବାନ୍ଧି ବସିଛନ୍ତି ବହୁ କାରିଗର

ଖରାଦିନ ଆସିଲେ ଟିକେ ଥଣ୍ଡା ପାଣି ପାଇଁ ଖୋଜାପଡ଼େ ହାଣ୍ଡି, ମାଠିଆ, କଳସି। ସେତେବେଳେ କୁମ୍ଭକାରଙ୍କ କଥା ସମସ୍ତଙ୍କ ମନେପଡ଼େ। ଏବେ ପ୍ଲାଷ୍ଟିକ, ଷ୍ଟିଲ୍, ସିଲ୍‌ଭର ବାସନର ଚାହିଦା ବଢ଼ିଛି। ଏଥିପାଇଁ କୁମ୍ଭାରଙ୍କ ବେଉସା ବୁଡିଯିବାକୁ ବସିଛି । ଏହାପରେ ବି ବହୁ କୁମ୍ଭକାର ନିଜର କୌଳିକ ବୃତ୍ତିକୁ ଛାଡି ପାରୁନାହାନ୍ତି। ଦୁଃଖକଷ୍ଟରେ ସେମାନେ ନିଜ ବେଉସାକୁ ଭରସା କରି ଆଜି ପର୍ଯ୍ୟନ୍ତ ବଞ୍ଚିଛନ୍ତି। ହେଲେ ସେମାନଙ୍କ ସମସ୍ୟା କେହି ବୁଝୁନାହାନ୍ତି କିମ୍ବା ସହାୟତା ମିଳୁନାହିଁ । କୁମ୍ଭକାର ପରିବାର ମଧ୍ୟରୁ ବହୁ ସଦସ୍ୟ ଏବେ ଅନ୍ୟ କାମଧନ୍ଦା କରି ଗୁଜୁରାଣ ମେଣ୍ଟାଉଛନ୍ତି । ମାଟିଆ, ଗଙ୍ଗାରାମପୁର, ଅଢାଖଣ୍ଡ, ଓଉପଦା, ତୋଟାସାହି, ଡାମରପୁର ଆଦି ଅଞ୍ଚଳରେ ବହୁ କୁମ୍ଭକାର ନିଜ ବୃତ୍ତି ଜାରି ରଖିଛନ୍ତି । ପ୍ରୋତ୍ସାହନ ମିଳୁନି ବୋଲି ଅନେକ ନିଜ ବୃତ୍ତିକୁ ଛାଡି ଅନ୍ୟ କାମଧନ୍ଦା କରୁଛନ୍ତି।

ଅଢାଖଣ୍ଡ ଗ୍ରାମର ନିତ୍ୟାନନ୍ଦ ବେହେରା କୁହନ୍ତି, କାଠ ଦର ମହଙ୍ଗା ହେବାରୁ ହାଣ୍ଡି, ମାଠିଆ ଆଦିର ଗଢା ଖର୍ଚ୍ଚ ବଢିଲା । ପ୍ଲାଷ୍ଟିକ,ସିଲ୍‌ଭର,ଷ୍ଟିଲ୍ ବାସନର ବହୁଳ ବ୍ୟବହାର ହେବାରୁ ମାଟି ସାମଗ୍ରୀର ଚାହିଦା କମିଲା । ଫଳରେ ଏହି ବୃତ୍ତି ଏବେ ସଙ୍କଟରେ। ଆମକୁ ଭତ୍ତା ମିଳୁନାହିଁ । ବ୍ୟାଙ୍କରୁ ଋଣ ଆଣି ଶୁଝି ପାରୁନାହୁଁ । ପ୍ରଶାସନ କୌଣସି ସହାୟତା ଦେଉ ନ ଥିବାରୁ ଆମ୍ଭେ ବହୁ ଦୁଃଖ କଷ୍ଟରେ ଚଳୁଛୁ। ଅଢାଖଣ୍ଡ ଗ୍ରାମର ଟୁଲୁ ବେହେରା କୁହନ୍ତି, ଅନ୍ୟ ଅଞ୍ଚଳ ଭଳି ଆମମାନଙ୍କୁ ତାଲିମ ମିଳିଲେ ମାଟିରୁ ଟେରାକୋଟା ଭଳି ସୌଖୀନ ସାମଗ୍ରୀ ପ୍ରସ୍ତୁତ କରିପାରିବୁ । ୧୦ରୁ ଆରମ୍ଭ କରି ୧୦୦ ଟଙ୍କା ପର୍ଯ୍ୟନ୍ତ ମାଟି ସାମଗ୍ରୀ ବିକ୍ରି ହେଉଛି। ଏଥିରୁ ସପ୍ତାହରେ ୧ ହଜାରରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର ହେଉଛି। ଭାର କିମ୍ବା ଅଟୋରିକ୍ସାରେ ମାଟି ସାମଗ୍ରୀ ବିକ୍ରି କରିବାକୁ ନେବାକୁ ପଡୁଛି। ମେଳାରେ ବିଭିନ୍ନ ସାମଗ୍ରୀ ବିକ୍ରି ନ ହେଲେ କମ୍ ଦାମ୍‌ରେ ସେଗୁଡ଼ିକୁ ବିକିବାକୁ ପଡୁଛି । ଏଥିରେ ଆମକୁ କ୍ଷତି ସହିବାକୁ ପଡୁଛି । ଅନ୍ୟପକ୍ଷେ ନେବା ଆଣିବାରେ ବି ବହୁ ସାମଗ୍ରୀ ଭାଙ୍ଗିରୁଜି ଯାଉଛି । ଏପରି ସ୍ଥିତି ଆମକୁ ଦୁଃଖ ଦେଇଛି । ଶଙ୍କର ବେହେରା କୁହନ୍ତି, ଆମ ବେଉସା ବୁଡିବାକୁ ବସିଥିବା ବେଳେ ଆମେ ଦୀପ ତିଆରି କଲୁ। ହେଲେ ବଜାରରେ ବାହାର ରାଜ୍ୟରୁ ଆସୁଥିବା ଦୀପକୁ ଲୋକେ ଚଢ଼ା ଦରରେ କିଣୁଛନ୍ତି। କିନ୍ତୁ ଆମ ହାତ ତିଆରି ମାଟିଦୀପ ନେଉନାହାନ୍ତି। ତପନ ବେହେରା କୁହନ୍ତି, ବାତ୍ୟା ପରଠୁ ମୋର ଶାଳଘର ଭାଙ୍ଗି ପଡ଼ିଛି। ପାଖରେ ଟଙ୍କା ନ ଥିବାରୁ ମରାମତି କରିପାରୁନି। ବିଭିନ୍ନ ସାମଗ୍ରୀର ମୂଲ୍ୟ ବୃଦ୍ଧି ହୋଇଥିବା ବେଳେ ମାଟିର ଦାମ୍ ମଧ ଅମୂଲ ହେଲାଣି। ପୁଣି ମାଟି ପାଇଁ ବିଭିନ୍ନ ସ୍ଥାନ ବୁଲିବାକୁ ପଡୁଛି। ଏଥିସହ ତିଆରି ହୋଇଥିବା ମାଟି ସାମଗ୍ରୀ ପୋଡ଼ିବା ପାଇଁ କାଠ ଆବଶ୍ୟକ ପଡୁଥିବା ବେଳେ ସେଥିପାଇଁ ଟଙ୍କା ନାହିଁ। ମାଟିରେ ସାମଗ୍ରୀ ତିଆରି କରି ବିକିଲେ ଠିକ୍ ପାରିଶ୍ରମିକ ମିଳିପାରୁ ନ ଥିବାରୁ ଏହି ବୃତ୍ତି ଛାଡ଼ି ଦେଇଛୁ। ଡାମରପୁର କୁମ୍ଭାର ସାହିରେ ୧୧ ପରିବାର ଆଗରୁ ମାଟିରେ ବିଭିନ୍ନ ସାମଗ୍ରୀ କରୁଥିବା ବେଳେ ଏବେ କେହି ତିଆରି କରୁନାହାନ୍ତି। ଗଙ୍ଗାରାମପୁର ଗ୍ରାମର ପହଲା ବେହେରା କୁହନ୍ତି, ବର୍ଷ ସାରା ପେଟପାଟଣା ପାଇଁ ମାଟିର ସାମଗ୍ରୀ ବିକୁଛି। ଏଥିରୁ ପାଞ୍ଚ ଜଣିଆ ପରିବାର ବହୁ କଷ୍ଟରେ ଚଳୁଛୁ। ଏଥିରେ ବି ଗ୍ରାହକଙ୍କ ମୂଲଚାଲ କଷ୍ଟ ଦେଇଥାଏ। ତଥାପି ଗ୍ରାହକଙ୍କ ଖୁସି ପାଇଁ ୧୦୦ ଟଙ୍କିଆ ସାମଗ୍ରୀକୁ ୫୦ରୁ ୬୦ ଟଙ୍କାରେ ବିକ୍ରି କରିବାକୁ ପଡୁଛି। ଏଥିଲାଗି କୌଳିକ ବୃତ୍ତି ସଙ୍କଟରେ ପଡ଼ିଛି। ସରକାର କୁମ୍ଭକାରମାନଙ୍କୁ କିଛି ସୁବିଧାସୁଯୋଗ ଯୋଗାଇ ନ ଦେଲେ ଏହି କୌଳିକ ବୃତ୍ତି ବୁଡ଼ି ଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

## ଆଜି କ'ଣ କେଉଁଠି

ବ୍ରହ୍ମପୁର
- ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଂଚର ବାର୍ଷିକ ସମ୍ମିଳନୀ। ସ୍ଥାନ-ଏନ୍‌ଜିଓ ହଲ, ସମୟ-ପୂର୍ବାହ୍ନ ସାଢ଼େ ୧୦ଟା।

## ସଂକ୍ଷେପରେ

### ବାଲିଗୁଡ଼ା ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ

ବାଲିଗୁଡ଼ା,୨୫।୩(ଡି.ଏନ.ଏ)-ବାଲିଗୁଡ଼ା ଓକିଲ ସଂଘର ୨୦୨୩-୨୪ ବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଟି.ହରିଶ୍ଚନ୍ଦ୍ର ରାଓ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ଭାବେ ଅନିଲ କୁମାର ଦାସ ନିକଟତମ ପ୍ରତିଦ୍ୱନ୍ଦୀ ସୁଧାଂଶୁ ମୋହନ ପତିଙ୍କୁ ପରାସ୍ତ କରି ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ଲମ୍ବୋଦର ପଣ୍ଡା ନିକଟତମ ପ୍ରତିଦ୍ୱନ୍ଦୀ ରାମଚନ୍ଦ୍ର ସିଂ ପାତ୍ରଙ୍କୁ ପରାସ୍ତ କରି ନିର୍ବାଚିତ ହୋଇଛନ୍ତି। ସେହିଭଳି ସହ ସମ୍ପାଦକ ଭାବେ ନିମାଇଁ ଚରଣ ସାହାଣୀ, କୋଷାଧକ୍ଷ ଭାବେ ଶିରୀଶ କୁମାର ପ୍ରଧାନ ନିର୍ବାଚିତ ହୋଇଛନ୍ତି। ମାନସ ରଞ୍ଜନ ସିଂ ଶୃଙ୍ଖଳା ଭାବେ ନିର୍ବାଚନ ପରିଚାଳନା କରିଥିଲେ।

### ପଞ୍ଚାୟତ ପ୍ରତିନିଧିଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଫୁଲବାଣୀ ଅଫିସ, ୨୫।୩- ଫିରିଙ୍ଗିଆ ବ୍ଲକ ବନ୍ଧଗଡଠାରେ ସ୍ୱାତୀ ପକ୍ଷରୁ ଚାଲିଥିବା ପଞ୍ଚାୟତ ପ୍ରତିନିଧି ମାନଙ୍କ ତିନି ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଜିଲା ପରିଷଦ ଉପାଧକ୍ଷା ସାଇବାଣୀ ନାୟକ ଉପସ୍ଥିତ ରହି ସରକାରଙ୍କ ସମସ୍ତ ଯୋଜନା ଯେପରି ଗ୍ରାମର ଶେଷ ପରିବାର ପାଖରେ ପହଞ୍ଚିବ ତାହା ଉପରେ ସଚେତନ କରିଥିଲେ। ସ୍ୱାତୀ ଅନୁଷ୍ଠାନର ସମ୍ପାଦକ ଇଂ. ହରିଶଙ୍କର ରାଉତ ଉପସ୍ଥିତ ରହି ରାଜନିତୀକୁ ଆସିଥିବା ଯୁବ ପିଢ଼ିମାନେ ଭୋଟର ମାନଙ୍କ ସହ ଯୋଡିହୋଇ ସରକାରଙ୍କର ବିଭିନ୍ନ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇ, ସୁନ୍ଦର ଗାଁ ଗଢି ତୋଳିବା ଉପରେ ତାହା ଆହ୍ୱାନ ଦେଇଥିଲେ । ତାଲିମ୍ କାର୍ଯ୍ୟକ୍ରମରେ ଜିଲାର ୩ ଟି ବ୍ଲକ ଫିରିଙ୍ଗିଆ, ଫୁଲବାଣୀ ଓ ଖଜୁରିପଡାର ୫୫ ରୁ ଉର୍ଦ୍ଧ୍ୱ ପଞ୍ଚାୟତ ପ୍ରତିନିଧି ମାନେ ଯୋଗ ଦେଇଥିଲେ । ତାଲିମଦାତା ଭାବେ ମନୋଜ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଆଜି ଯାଏ ଫିରିଙ୍ଗିଆ, ଫୁଲବାଣୀ ଓ ଖଜୁରିପଡା ବ୍ଲକର ୪୯ ପଞ୍ଚାୟତରୁ ୩୫ଟିର ସମସ୍ତ ୱାର୍ଡ ମେମ୍ବରଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ବିଶ୍ୱରଞ୍ଜନ କର, ପ୍ରଭାତ ନାୟକ, ବିନୋଦ ବେହେରା ସହଯୋଗ କରିଥିଲେ।

### ଓଡ଼ିଆ ନାମଫଳକକୁ ପ୍ରାଧାନ୍ୟ ଦିଆଯାଉ

ରମ୍ଭା,୨୫।୪-ମାର୍ଚ୍ଚ ୨୦୧୪ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଥିବା ବେଳେ ମେ' ୨୦୧୬ରେ ଏହି ଭାଷାକୁ ସରକାରୀ ଭାଷା ରୂପେ ଓଡ଼ିଶା ସରକାର ସ୍ୱୀକୃତି ପ୍ରଦାନ କରିଥିଲେ। ୨୦୧୮ରେ ଏହି ଭାଷାର ବହୁଳ ବ୍ୟବହାର ପାଇଁ ବହୁବିଧ ପୁରସ୍କାର ଘୋଷଣା ଓ ଏହି ଭାଷା ବ୍ୟବହାର ପ୍ରତି ଅଙ୍ଗୀକାରବଦ୍ଧତାର ଅଭାବ ସକାଶେ ଦଣ୍ଡର ବ୍ୟବସ୍ଥା କରାଗଲା। ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ସଂଶୋଧନ ବିଲ୍-୨୦୧୮ ବିଧାନସଭାରେ ଗୃହୀତ ହେବାପରେ ଓଡ଼ିଶା ଭିତରେ ଥିବା ସବୁ ବ୍ୟବସାୟ ପ୍ରତିଷ୍ଠାନର ନାମଫଳକ ବାଧ୍ୟତାମୂଳକ ଭାବେ ଓଡ଼ିଆରେ ଲେଖାଯିବା ଉପରେ ସରକାର ଗୁରୁତ୍ୱାରୋପ କଲେ। କିନ୍ତୁ କାଗଜକଲମ ଭିତରେ ନୀତିନିୟମ ସୀମିତ ହୋଇ ରହିଗଲା। ରମ୍ଭା ଏନ୍‌ଏସିର ସଂଖ୍ୟାଧିକ ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନର ଓଡ଼ିଆ ଭାଷାକୁ ଅଣଦେଖା। ଏସବୁ ସତ୍ତ୍ୱେ ନବନିର୍ମିତ ପ୍ରସ୍ତୁତି ପଥେ ରମ୍ଭା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ନାମଫଳକର ପ୍ରଥମ ଧାଡ଼ି ବି ଲେଖାଯାଇଛି ବଡ଼ ବଡ଼ ଇଂଲିଶ ଅକ୍ଷରରେ। ତା' ତଳକୁ ଛୋଟ ଛୋଟ ଅକ୍ଷରରେ ଓଡ଼ିଆ ଲେଖା ରହିଛି। ତେବେ ଓଡ଼ିଆ ଭାଷା ଆଇନ ହୋଇଛି ସତ କିନ୍ତୁ ତାହାର କଡ଼ାକଡ଼ି ଅନୁପାଳନ ଉପରେ ଗୁରୁତ୍ୱ ଦିଆଯାଇନାହିଁ। ଏ ଦିଗରେ ନିଷ୍ପାପର ଓ ଦୃଢ଼ ପଦକ୍ଷେପ ନେବା ପାଇଁ ପ୍ରଶାସନ ନିକଟରେ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଦାବି କରିଛନ୍ତି।

### ନୀଳ ଜହର ଉପରେ ସଚେତନତା

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୨୫।୩- ଗଞ୍ଜେଇ ଚାଷ ବନ୍ଦ କରିବା, ଚୋରା ଚାଲାଣ ନ କରିବା ତଥା ନୀଳ ଜହରର ଅପକାରିତା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଫିରିଙ୍ଗିଆରେ ଅନୁଷ୍ଠିତ ହୋଇଯାଇଛି । ଜିଲା ଅବକାରୀ ବିଭାଗ ସହଯୋଗରେ ବନାନୀ କଳାସଙ୍ଗମ ପକ୍ଷରୁ ଫିରିଙ୍ଗିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମ୍ବାଦିକ ସୁନୀଲ ପଟ୍ଟନାୟକଙ୍କ ସଭାପତିତ୍ୱ କରିଥିଲେ । ଅତିଥି ଭାବେ ବିଡିଓ ରଶ୍ମୀରଞ୍ଜନ ମହନ୍ତ, ବରିଷ୍ଠ ସାମ୍ବାଦିକ ଡ.ଅରୂପ ଜେନା, ଅବକାରୀ ବିଭାଗ ଏଏସଆଇ ରୀତାଲି ମିଶ୍ର, ପିଇଓ ତ୍ରିଲୋଚନ ଖମାରୀ, ସରପଞ୍ଚ ଲାଲମୋହନ କହଁର, ସମିତି ସଭ୍ୟା ମୌସୁମି ପ୍ରଧାନ ଓ ମାନସୀ କହଁର ଯୋଗଦେଇଥିଲେ । ଆଇନଜୀବୀ ବିଜୟ ପଟ୍ଟନାୟକଙ୍କ ଦ୍ୱାରା ଲିଖିତ ଓ ନିର୍ଦ୍ଦେଶିତ ସଚେତନ ଧର୍ମୀ ପଥ ପ୍ରାନ୍ତ ନାଟକ 'ନୀଳ ଜହର' ପ୍ରଦର୍ଶିତ ହୋଇଥିଲା।

# ସରିଲା ଓକିଲ ସଂଘ ନିର୍ବାଚନ

## ଖେମୁଣ୍ଡି ଓକିଲ ସଂଘର ସଭାପତି ହେଲେ ଲକ୍ଷ୍ମୀନାରାୟଣ, କୁରେଶୁ ସମ୍ପାଦକ



ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତାବୃନ୍ଦ

ଦିଗପହଣ୍ଡି,୨୫।୩(ଡି.ଏନ.ଏ.):ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ଓକିଲ ସଂଘ ନିର୍ବାଚନ ଶନିବାର ଶୃଙ୍ଖଳିତ ଭାବେ ଶେଷ ହୋଇଛି। ନିର୍ବାଚନ ଅଧିକାରୀ ଆଇନଜୀବୀ ନୀଳମାଧବ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ନିର୍ବାଚନରେ ଲକ୍ଷ୍ମୀନାରାୟଣ ପାଢ଼ୀ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଗିରିଜା ନନ୍ଦନ ମେକାପ, କୁରେଶୁ ପଣ୍ଡା ସମ୍ପାଦକ, ରାଜେନ୍ଦ୍ର କୁମାର ତ୍ରିପାଠୀ ସହସମ୍ପାଦକ ରୂପେ ନିର୍ବାଚିତ ହୋଇଛନ୍ତି। ସୀମାଞ୍ଚଳ ପ୍ରଧାନ ପୂର୍ବରୁ ଅପ୍ରତିଦ୍ୱନ୍ଦ୍ୱୀ ଭାବେ କୋଷାଧକ୍ଷ ପଦବୀ ପାଇଁ ନିର୍ବାଚିତ ହୋଇଛି। ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ଓକିଲ ସଂଘର ସଦସ୍ୟବୃନ୍ଦ ଶୁଭେଚ୍ଛା ଜଣାଇଥିବା ବେଳେ ସଂଘର ନବନିର୍ବାଚିତ କର୍ମକର୍ତ୍ତାବୃନ୍ଦ ସଂଘର ସଦସ୍ୟମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ସିଦ୍ଧେଶ୍ୱର ମିଶ୍ର ସଭାପତି, ସମ୍ପାଦକ ପୃଥ୍ୱୀରାଜ



ପାରଳାଖେମୁଣ୍ଡି,୨୫।୩(ଡି.ଏନ୍.ଏ.)-ଗଜପତି ଜିଲା ଓକିଲ ସଙ୍ଘ ନିର୍ବାଚନ ଜିଲା କୋର୍ଟ ପରିସରରେ ଶାନ୍ତିଶୃଙ୍ଖଳାରେ ହୋଇଯାଇଛି । ସକାଳ ୮ରୁ ମତଦାନ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା । ଚଳିତ ବର୍ଷ ମୋଟ ୯୩ ଜଣ ମତଦାତାଙ୍କୁ ମତଦାନ ପାଇଁ ସୁଯୋଗ ମିଳିଥିଲା । ସଭାପତି ପଦ ପାଇଁ ସିଦ୍ଧେଶ୍ୱର ମିଶ୍ର ଏବଂ ପାନ୍ତଲା ପ୍ରସାଦଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥବା ବେଳେ ମିଶ୍ର ୫୨ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି । ସେହିଭଳି ଉପସଭାପତି ଭାବେ ଆର୍. ବାବୁରାଓ ମନୋନୀତ ହୋଇଛନ୍ତି। ସମ୍ପାଦକ ପଦବୀ ପାଇଁ ଏମ୍. ପୃଥ୍ୱୀ ରାଜ ଓ କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ ମଧ୍ୟରେ ମୁକାବିଲା ହୋଇଥିବା ବେଳେ ପୃଥ୍ୱୀରାଜ ୪୮ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ ପଦବୀରେ ସତ୍ୟନାରାୟଣ ପାଢ଼ୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି।

## ଖଲ୍ଲିକୋଟ କୋର୍ଟ ବାର୍ ସଭାପତି ହେଲେ ରାଜେନ୍ଦ୍ର

ଖଲ୍ଲିକୋଟ,୨୫।୩(ଡି.ଏନ୍.ଏ.)-ଖଲ୍ଲିକୋଟ କୋର୍ଟ ପରିସରରେ ବାର ଆସୋସିଏଶନର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ପଦ ପାଇଁ ଦୁଇଜଣ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏହା କଡ଼ା ଟକ୍କର ହୋଇଥିଲା। ରାଜେନ୍ଦ୍ର ପ୍ରସାଦ ରଥ ସଭାପତି ରୂପେ ନିର୍ବାଚିତ ହୋଇଥିଲେ। ସେହିପରି ସମ୍ପାଦକ ରୂପେ ଜୟରାମ ଦାସ ନିର୍ବାଚିତ ହୋଇଥିଲେ। ଉପସଭାପତି ବିପ୍ରଚରଣ ପଣ୍ଡା, ସେମିନାର ସେକ୍ରେଟାରି ଭାବେ ସନ୍ତୋଷ କୁମାର ମିଶ୍ର ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଥିଲେ। ସମସ୍ତ ଓକିଲ ବନ୍ଧୁ ବାର୍‌ରେ କାମ କରିବା ପାଇଁ ସୁଯୋଗ ଦେଇଥିବାରୁ ନବନିର୍ବାଚିତ ସଭାପତି ରଥ ଧନ୍ୟବାଦ ଜଣାଇଥିଲେ। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ବିନାୟକ ସାହୁ ଦାୟିତ୍ୱ ସମ୍ପାଦନ କରିଥିବା ବେଳେ ଆଇନଜୀବୀ ପ୍ରକାଶ ଚନ୍ଦ୍ର ସାହୁ ସହଯୋଗ କରିଥିଲେ।

## ଭଗବାନ ମହାନ୍ତି ଫୁଲବାଣୀ ଓକିଲ ସଂଘ ସଭାପତି




ଫୁଲବାଣୀ ଅଫିସ, ୨୫।୩- ଫୁଲବାଣୀ ଜିଲା ବାର ଆସୋସିଏଶନର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସମସ୍ତ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭି.ଭି. ରାମଦାଶଙ୍କ ଦ୍ୱାରା ଘୋଷିତ ଫଳାଫଳ ଅନୁଯାୟୀ, ଭଗବାନ ମହାନ୍ତି ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ବୀଣାପାଣି ପ୍ରଧାନ ଉପ ସଭାପତି, ସମ୍ପାଦକ କମଳ କୁମାର ବେହେରା, ଯୁଗ୍ମ ସମ୍ପାଦକ ରନ କୁମାର ଦାଶ, କୋଷାଧକ୍ଷ କୃଷ୍ଣ ଚନ୍ଦ୍ର ସେନାପତି, ପାଠାଗାର ସମ୍ପାଦକ ଗୌରାଙ୍ଗ ଚରଣ ସ୍ୱାଇଁ ନିର୍ବାଚିତ ହୋଇଛନ୍ତି। ସେହିଭଳି କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ବିଜୟ ମହାନ୍ତି, ଦୁର୍ଗା ଶଙ୍କର ପଟ୍ଟନାୟକ, ହରିଶ୍ଚନ୍ଦ୍ର ମହାରଣା, ଶିବ ପ୍ରସାଦ ତ୍ରିପାଠୀ, ସିଦ୍ଧେଶ୍ୱର ଦାଶ, ଅସୀମ କୁମାର ପ୍ରହରାଜ, ଚନ୍ଦ୍ର ଶେଖର ପରିଡ଼ା, ରବି ନାରାୟଣ ମିଶ୍ର, ନମିତା ସାହୁ, କୁ ବିହାରୀ ଶତପଥୀ ଓ ରମେଶ ଚନ୍ଦ୍ର ମହାନ୍ତି ମନୋନିତ ହୋଇଛନ୍ତି।

## ରବୀନ୍ଦ୍ରନାଥ ଶର୍ମା ଆସିକା ସଭାପତି

ଆସିକା,୨୫।୩(ଡି.ଏନ.ଏ):ଆସିକା ଓକିଲ ସଂଘର ନିର୍ବାଚିତ ପ୍ରତିନିଧିଙ୍କ ନାମ ଶନିବାର ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ବରିଷ୍ଠ ଆଇନଜୀବୀ ରବିନ୍ଦ୍ରନାଥ ଶର୍ମା ସଭାପତି ରୂପେ ନିର୍ବାଚିତ ହୋଇଥିଲା ବେଳେ ଉପସଭାପତି ଭାବେ ଛବିଲରାମ ମିଶ୍ର, ସମ୍ପାଦକ ନାରାୟଣ ମୁନି, ସହ-ସମ୍ପାଦକ ନିଳାମ୍ବର ବେହେରା, କୋଷାଧକ୍ଷ ସନ୍ତୋଷ କୁମାର ମିଶ୍ର ଓ ପାଠାଗାର ସମ୍ପାଦକରୂପେ ସୀମାଞ୍ଚଳ ସେଠୀ ବିଧିବଦ୍ଧ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ କାଳୁ ଚରଣ ଦାସ କହିଛନ୍ତି। ସୂଚନାଯୋଗ୍ୟ ଏହି ନିର୍ବାଚନ ଲାଗି ଚୂଡାନ୍ତ ପ୍ରାର୍ଥି ତାଲିକା ପ୍ରକାଶନ ବେଳକୁ ସମସ୍ତ ପ୍ରାର୍ଥି ଅପ୍ରତିଦ୍ୱନ୍ଦୀ ରହିଥିଲେ।

## ମିନତି ଗଞ୍ଜାମ ଓକିଲ ସଂଘ ସଭାପତି, ଶିବନାରାୟଣ ସମ୍ପାଦକ



ନିର୍ବାଚିତ ସଦସ୍ୟଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

ବ୍ରହ୍ମପୁର ଅଫିସ, ୨୫।୩ : ଗଞ୍ଜାମ ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି। ସଭାପତି ଭାବେ ପ୍ରଥମଥର ପାଇଁ ଜଣେ ମହିଳା ବିଜୟୀ ହୋଇଛନ୍ତି। ସଭାପତି ମିନତୀ ରଥ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁଧାଂଶୁ ଶେଖର ପଣ୍ଡାଙ୍କୁ ପରାସ୍ତ କରିଛନ୍ତି। ସେହିପରି ସମ୍ପାଦକ ଭାବେ ଆଇନଜୀବୀ ଶିବନାରାୟଣ ସାହୁ ୭୮ ଭୋଟ ବ୍ୟବଧାନରେ ଟି. ଭେଙ୍କଟ ରାଓଙ୍କୁ ପରାସ୍ତ କରିଛନ୍ତି। ଉପସଭାପତି ଭାବେ ଏମ. ଚନ୍ଦ୍ରଶେଖର, ଯୁଗ୍ମସମ୍ପାଦକ ଭାବେ ତାପସ କୁମାର ସାହୁ ବିଜୟୀ ହୋଇଛନ୍ତି। ଶନିବାର ସକାଳେ ନିବାଚନ ଅଧିକାରୀ ଅକ୍ଷୟ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ପରିଚାଳନା କମିଟି ସଦସ୍ୟଙ୍କ ସହଯୋଗରେ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା। ମୋଟ ୧୩୩୮ ଜଣ ଆଇନଜୀବୀ ଭୋଟ ଦେଇଥିଲେ।

## ସଭାପତି ହେଲେ କେଶରୀ ଭୋଇ

**ଜି.ଉଦୟଗିରି ବାର୍ ଆସୋସିଏଶନ**

ଜି.ଉଦୟଗିରି,୨୫।୩

ରାଜ୍ୟ ବାର କାଉନସିଲଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଜି.ଉଦୟଗିରି ବାର ଆସୋସିଏଶନରେ ମଧ୍ୟ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଜି.ଉଦୟଗିରି ବାର ଆସୋସିଏସନ ସଭ୍ୟମାନଙ୍କ ସର୍ବସମ୍ମତି କ୍ରମେ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ନିର୍ବାଚନ କେଶରୀ ଭୋଇଙ୍କୁ ମନୋନୀତ କରାଯାଇଥିବା ବେଳେ ଉପ-ସଭାପତି ଭାବେ ମନୋଜ କୁମାର ସାମଲ, ସମ୍ପାଦକ ଭାବେ ରମେଶ ଚନ୍ଦ୍ର ବେହେରା, ସହ-ସମ୍ପାଦକ ଭାବେ ବୁଲୁ ସାହେବ ସେଠୀ ଏବଂ କୋଷାଧକ୍ଷ ଭାବେ ସନ୍ତୋଷ କୁମାର ପ୍ରଧାନ ମନୋନୀତ କରାଯାଇଥିବା ବେଳେ ଉପଦେଷ୍ଟା ଭାବେ ଅଜିତ କୁମାର ଦିଗାଳ ଓ ସୁକାନ୍ତ କୁମାର ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଛି। ନିର୍ବାଚନକୁ ବରୀଷ୍ଠ ଆଇନଜୀବୀ ତଥା ପୂର୍ବତନ ସଭାପତି ଫ୍ରାଙ୍କଲିନ ନାୟକ ପରିଚାଳନା କରିଥିଲେ।

## ପ୍ରଦୀପ ସଭାପତି, ଏଲ.ଗୋପାଲ ସମ୍ପାଦକ

ଛତ୍ରପୁର,୨୫।୩ (ଡି.ଏନ.ଏ)

ଛତ୍ରପୁର ଓକିଲ ସଂଘର ବିଭିନ୍ନ ପଦବି ନିମନ୍ତେ ଫଳାଫଳ ଘୋଷଣା କରାଯାଇଛି। ସଂଘର ସଭାପତି ଭାବେ ପ୍ରଦୀପ କୁମାର ପାଢୀ ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ଭାବେ ଏଲ ଗୋପାଲ ରାଓ ବିଜୟୀ ହୋଇଥିଲେ। ସେହିପରି ଉପସଭାପତି ଭାବେ ପ୍ରମୋଦ କୁମାର ପୁରୋହିତ ନିର୍ବଚିତ ହୋଇଥିବା ବେଳେ ଯୁଗ୍ମ ସମ୍ପାଦକ ଭାବେ ଟି ମୋହନ ରାଓ ବିଜୟୀ ହୋଇଛନ୍ତି। ପୂର୍ବରୁ କାର୍ଯ୍ୟକାରୀ ସଭ୍ୟ ଭାବେ ପ୍ରଶାନ୍ତ କୁମାର ମହାନ୍ତି, କୋଷାଧକ୍ଷ ଭାବେ ଅନାମ ଚନ୍ଦ୍ର ପ୍ରଧାନ, ଲାଇବ୍ରେରୀ ସମ୍ପାଦକ ଭାବେ ମନୋଜ କୁମାର ବେହେରା(ସି) ଓ ସହ ସମ୍ପାଦକ ଭାବେ ଜିତୁନ କୁମାର ପାଢି ନିଦ୍ୱନ୍ଦ ଭାବେ ନିର୍ବାଚିତ ହୋଇଥିଲେ।

## ବାଚସ୍ପତିଙ୍କୁ ଭେଟିଲେ ଓକିଲ ସଂଘ କର୍ମକର୍ତ୍ତା



ନବନିର୍ବାଚିତ କର୍ମକର୍ତ୍ତା ବାଚସ୍ପତିଙ୍କୁ ସାକ୍ଷାତ କରୁଛନ୍ତି।

ଭଞ୍ଜନଗର,୨୫।୩(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଭଞ୍ଜନଗର ବାର୍ ଆସୋସିଏଶନ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଅଭିମନ୍ୟୁ ଗୌଡ଼, ଉପସଭାପତି ରଜତ କୁମାର ଦାସ, ସାଧାରଣ ସମ୍ପାଦକ ହରେକୃଷ୍ଣ ମହାପାତ୍ର, ସହସମ୍ପାଦକ ଚନ୍ଦ୍ରମଣି ମହାପାତ୍ର ଏବଂ କୋଷାଧକ୍ଷ ଭାବେ ଗିରିଜା ଶଙ୍କର ଭୂୟାଁ ନିର୍ବାଚିତ ହୋଇଛନ୍ତି। ନିର୍ବାଚନକୁ ତ୍ରିନାଥ ମଲ୍ଲିକ, ବିମ୍ବାଧର ଷଡ଼ଙ୍ଗୀ ପ୍ରମୁଖ ପରିଚାଳନା କରିଥିଲେ। ନବନିର୍ବାଚିତ ବାର୍ ଆସୋସିଏଶନ କର୍ମକର୍ତ୍ତା ସନ୍ଧ୍ୟାରେ ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କୁ ଭେଟି ବାର୍ ଆସୋସିଏଶନର ଉନ୍ନତି ଲାଗି ସହଯୋଗ କାମନା କରିଥିଲେ। ଏହି ଅବସରରେ ବାଚସ୍ପତି ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ସ୍ୱାଗତ କରିବା ସହ ବାର ଆସୋସିଏଶନର ଉନ୍ନତି ପାଇଁ ସବୁପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ। ଅପରପକ୍ଷେ ନବନିର୍ବାଚିତ ସଭାପତି ଅଭିମନ୍ୟୁ ଏକ ବିବୃତିରେ କହିଛନ୍ତି ଯେ, ବ୍ରହ୍ମପୁର-ଫୁଲବାଣୀ ରେଲୱେ ଲାଇନ ଏବଂ ଘୁମୁସର ଜିଲା ଆନ୍ଦୋଳନକୁ ତ୍ୱରାନ୍ୱିତ କରାଯିବ। ଭାଜପା ବିଧାୟକ ପ୍ରାର୍ଥୀ ପ୍ରଦ୍ୟୁମ୍ନ ନାୟକ ବାର ଆସୋସିଏଶନ ସଭାପତି ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ଅଭିମନ୍ୟୁଙ୍କଠାରୁ ୯ଟି ଭୋଟ୍‌ରେ ପରାଜୟ ବରଣ କରିଥିଲେ। ପ୍ରଦ୍ୟୁମ୍ନ ପୂର୍ବରୁ ୩ଥର ସଭାପତି ଭାବେ ନିର୍ବାଚିତ ହେବାସହ ବିଭିନ୍ନ ସମୟରେ ତାଙ୍କ ସମର୍ଥକ ବିଜୟୀ ହେଉଥିଲେ। ଏହି ପରାଜୟ ପରେ ପ୍ରଦ୍ୟୁମ୍ନଙ୍କୁ ଶକ୍ତ ଧକ୍କା ଲାଗିଛି।

# ୨୧ ଦିନିଆ ଦଣ୍ଡଯାତ୍ରା ଆରମ୍ଭ



ଦଣ୍ଡକାଳୀଙ୍କ ପୂଜାର୍ଚ୍ଚନା।

କବିସୂର୍ଯ୍ୟନଗର/ହିଞ୍ଜିଳିକାଟୁ, ୨୫।୩(ଡି.ଏନ୍.ଏ.)

କବିସୂର୍ଯ୍ୟନଗର ସହରର ମେରୁ ବନ୍ଧ ପୋଖରୀରେ ଶନିବାର ରୀତିନୀତି ଅନୁଯାୟୀ ପାରମ୍ପରିକ ଦଣ୍ଡଯାତ୍ରା ଆରମ୍ଭ ହୋଇଯାଇଛି। ଦଣ୍ଡୁଆମାନେ ପଇତା ଧାରଣ କରି ପାଣିଦଣ୍ଡ କରି ୨୧ ଦିନିଆ ବ୍ରତ ଆରମ୍ଭ କରିବା ପରେ ଦଣ୍ଡକାଳୀଙ୍କୁ ଧରି ନଗର ପରିକ୍ରମା କରି ଦ୍ୱାର ପୂଜା କରାଯାଇଛି। ଶନିବାର ସହରର ତିନୋଟି ଦଣ୍ଡକାଳୀ ମନ୍ଦିରରୁ ୩ ପାର୍ଟି ମାଝିପୁଞ୍ଜା, ଧୋବାପୁଞ୍ଜା ଓ ପରିଡ଼ାପୁଞ୍ଜା ଦଣ୍ଡୁଆ ଦଳ ନିଜ ନିଜ ଦଣ୍ଡକାଳୀଙ୍କୁ ଧରି ନଗର ପରିକ୍ରମା କରିଥିଲେ। ଅପରାହ୍ନରେ ମାନସିକଧାରୀ ଭକ୍ତଙ୍କ ଦୁଆରେ ମାନସିକ ପୂରଣ ପାଇଁ ଧୂଳିଦଣ୍ଡ, ପାଣିଦଣ୍ଡ, ଅଗ୍ନିଦଣ୍ଡ କରିବା ପରେ ମଧ୍ୟରାତ୍ରିରେ ମା' କାଳୀଙ୍କୁ ଉଭା କରାଇ ଭକ୍ତଙ୍କ ଦୁଆରେ କାଳୀ ନୃତ୍ୟ କରିବା ପରେ ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ରାତିରେ ଦଣ୍ଡୁଆମାନଙ୍କୁ ଧରି ଭକ୍ତଙ୍କ ଦୁଆରେ ଉଜାଗର ରହୁଥିବାରୁ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥାଏ। କବିସୂର୍ଯ୍ୟନଗରର ପରିଡ଼ା ପାର୍ଟି, ମାଝି ପାର୍ଟି ଓ ଧୋବା ପାର୍ଟି ତିନି ଦଳର ଦଣ୍ଡୁଆମାନେ ମା' ଦଣ୍ଡକାଳୀଙ୍କୁ ଧରି ଢୋଲ, କାହାଳି, ଗିନି, ଘଣ୍ଟ ଶବ୍ଦରେ ନଗର ଉତ୍ସବମୁଖର ହୋଇପଡିଥିବା ଦେଖିବାକୁ ମିଳିଛି। ଏହି ଯାତ୍ରା ଆସନ୍ତା ବିଷୁବ ସଂକ୍ରାନ୍ତି ଦିନ ମେରୁ ପର୍ବରେ ଉଦ୍‌ଯାପିତ ହେବ। ସେହିପରି ହିଞ୍ଜିଳିକାଟୁ ବ୍ଲକ ଓ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଶନିବାର ୨୧ ଦିନିଆ ଦଣ୍ଡଯାତ୍ରା ଆରମ୍ଭ ହୋଇଛି। ହିଞ୍ଜିଳି ସ୍ଥିତ ୨ ପୁଞ୍ଜାଏ ଦଣ୍ଡୁଆମାନେ ଶିବ ଓ ଗୌରୀଙ୍କ ମୂର୍ତ୍ତି ଧରି ସହର ପରିକ୍ରମା କରିଥିଲେ। ଶ୍ରଦ୍ଧାଳୁମାନେ ପୂଜା ନୈବେଦ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ। ଚଳିତବର୍ଷ ଦଣ୍ଡ ସୁଆଙ୍ଗ ସହ ଉଭୟ ପକ୍ଷରୁ ନାଟକ 'ଆଖି ତୋର ଲୁହ ମୋର' ମଞ୍ଚସ୍ଥ ହେବ। ହିଞ୍ଜିଳିକାଟୁ ବ୍ଲକ ବେଲଗାଁରେ ମଧ୍ୟ ଦଣ୍ଡନାଚ ଆରମ୍ଭ ହୋଇଛି।

## ଚାରି ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ଜି.ଉଦୟଗିରି,୨୫।୩

ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ରାଇକୋଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ନୀଳିମା ମଲିକଙ୍କ ଅଧ୍ୟକ୍ଷତାରେ କ୍ଲଷ୍ଟରସ୍ତରୀୟ ଚାରି ଶିକ୍ଷକ ଓ ଶିକ୍ଷୟିତ୍ରୀ ଲୋକନାଥ ବାରିକ, କୁଳରଞ୍ଜନ ନାୟକ, ଜୋଛନା ନାୟକ ଓ ସୁସଦା ପ୍ରଧାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଜଗନ୍ନାଥ ସାହାଣୀ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତରେ ଉତ୍ତମ ନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଞ୍ଜନ କୁମାର ରାଉତରାୟ, ମିହିରକାନ୍ତ ପ୍ରଧାନ ଓ ବୈକୁଣ୍ଠ ସାହୁ ପ୍ରମୁଖ ମଞ୍ଚାସୀନ ଥିବା ବେଳେ କାର୍ଯ୍ୟକ୍ରମକୁ ଶିକ୍ଷକ ରାଜକିଶୋର ପ୍ରଧାନ, ରଞ୍ଜିତ ପାଢୀ, ଅନସୂୟା ପ୍ରଧାନ, ଶାଶ୍ୱତୀ ଶ୍ୱେତପଦ୍ମା ବେହେରା ଓ ଚନ୍ଦ୍ରିକା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଏମ୍‌କେସିଜିରେ କନଷ୍ଟେବଲ ପରୀକ୍ଷାର୍ଥୀଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୨୫।୩

ଏମକେସିଜି ମେଡିକାଲରେ ପୁଣି ଜଣେ ପୋଲିସ କନଷ୍ଟେବଲ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ଘଟିଛି। ମୃତ ପରୀକ୍ଷାର୍ଥୀ ଜଣଙ୍କ ରାୟଗଡ଼ା ଜିଲା ଆମ୍ବଦୋଳା ଥାନା ଜଗଦଳପୁର ଗ୍ରାମର ହରିଶ୍ଚନ୍ଦ୍ର କୋଶଲିଆ(୨୫) । ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ୧୫୪/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ରବିବାର ମୃତକଙ୍କ ପରିବାର ଲୋକ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। କନଷ୍ଟେବଲ ନିଯୁକ୍ତି ବେଳେ ଚାଲିଥିବା ଶାରୀରିକ ପରୀକ୍ଷାରେ ଶୁକ୍ରବାର ଅପରାହ୍ନରେ ଜଣେ ପରୀକ୍ଷାର୍ଥୀ ହଠାତ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଶନିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି।

ବ୍ୟାଙ୍କ ଅଫ୍ ବରୋଦା
Bank of Baroda
ବିଜୟା VIJAYA | ଦେନା DENA

**କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା**
ପ୍ଲଟ ନଂ.:୮୩୧/୩୮୨୩, ସାମପୁର, କଳିଙ୍ଗ ନଗର, ଭୁବନେଶ୍ୱର - ୦୩, ମୋ.: ୭୩୨୮୮୩୪୧୪୨
ଫୋନ୍: ୦୬୭୪-୨୩୮୭୧୦୦, ଇ-ମେଲ୍ : sarbhu@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ଆପେଣ୍ଡିକ୍ସ-୪-ଏ (ରୁଲ୍ସ ୬(୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ) ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ନିଲାମ ନିମନ୍ତେ ବିକ୍ରୟ ନୋଟିସ**
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୮(୬)ଅନୁଯାୟୀ ସ୍ଥାବର ଏବଂ ୬(୨) ଅନୁଯାୟୀ ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।

ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା (ବନ୍ଧକଦାତା) ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ବ୍ୟାଙ୍କ ଅଫ୍ ବରୋଦା** ର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା) ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ବିନା ଆଇନଗତ ସହାୟତା ଭିତ୍ତିରେ ଇ-ନିଲାମ ମାଧ୍ୟମ ରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି । **ଋଣଗ୍ରହୀତା, ବନ୍ଧକଦାତା, ଜାମିନ୍‌ଦାର, ସୁରକ୍ଷିତ ସମ୍ପତ୍ତି, ଦେୟ, ସଂରକ୍ଷିତ ମୂଲ୍ୟ, ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ ।**

| କ୍ର ନଂ. | ମୂଳଶାଖା/ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କର ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନ୍‌କମ୍ବ୍ରାନ୍‌ସେସ୍ ଯଦି ଥାଏ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ/ବକେୟା ଦେୟ (ସୁରକ୍ଷିତ ଋଣ) | ଇ-ନିଲାମ ତାରିଖ ଓ ସମୟ | ଦଖଲ ସମ୍ପତ୍ତିର ସ୍ଥିତି (ସାଙ୍କେତିକ/ ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD(ରାଶି) / ବିଡ୍ ବର୍ଦ୍ଧିତ ରାଶି |
|---|---|---|---|---|---|---|---|
| ୦୧. | ଯାଜପୁର ରୋଡ୍ ଶାଖା / ଋଣଗ୍ରହୀତା: ମେସର୍ସ ଅଭିଷେକ ଟ୍ରେଡର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କଲ୍ୟାଣବ୍ରତ ମହାନ୍ତି, ସା/ପୋ: ଧନେଶ୍ୱର, ଯାଜପୁର ରୋଡ଼, ଜିଲ୍ଲା: ଯାଜପୁର-୭୫୫୦୦୧ / ଜାମିନ୍‌ଦାରମାନେ: (୧) ଶ୍ରୀମତୀ ମିହିର କୁମାରୀ ମହାନ୍ତି, (୨) ଶ୍ରୀ ଦେବବ୍ରତ ମହାନ୍ତି, (୩) ଶ୍ରୀ ସୁବ୍ରତ କୁମାର ମହାନ୍ତି, ସମସ୍ତଙ୍କ ପିତା: ରାଇଚରଣ ମହାନ୍ତି, ସମସ୍ତଙ୍କ ଠିକଣା ସା/ପୋ: ଧନେଶ୍ୱର, ଯାଜପୁର ରୋଡ଼, ଜିଲ୍ଲା: ଯାଜପୁର-୭୫୫୦୦୧ | (କ) ଶ୍ରୀ କଲ୍ୟାଣବ୍ରତ ମହାନ୍ତି, (ଖ) ଶ୍ରୀମତୀ ମିହିର କୁମାରୀ ମହାନ୍ତି, (ଗ) ଶ୍ରୀ ଦେବବ୍ରତ ମହାନ୍ତି ଏବଂ (ଘ) ଶ୍ରୀ ସୁବ୍ରତ କୁମାର ମହାନ୍ତିଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୪୨୨ ଏବଂ ହାଲ ଖାତା ନଂ.: ୫୪୦/୬୪, ପ୍ଲଟ୍ ନଂ.: ୧୦୧୦, କ୍ଷେତ୍ର: ଏକର ୦.୦୮ ଡିସିମିଲି, ମୌଜା: ଧନେଶ୍ୱର, ଯାଜପୁର ରୋଡ଼, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଜାନକୀ ବଲ୍ଲଭ ମହାନ୍ତି, ପୂର୍ବ: ସୁବ୍ରତ ମହାନ୍ତି, ପଶ୍ଚିମ: ରାସ୍ତା (ପ୍ଲଟ୍ ନଂ.: ୧୦୧୧) | ୦୧.୦୧.୨୦୧୬ ୧୦.୦୫.୨୦୧୬ / ତା.୩୧.୧୦.୨୦୧୫ ସୁଦ୍ଧା ଟ.୧୩,୩୨,୬୬୩/- ଯୁକ୍ତ ୦୧.୧୧.୨୦୧୫ ଠାରୁ ସୁଧ + ସେବାବଦ ଖର୍ଚ୍ଚ ଏବଂ ଦେୟ ବିଯୁକ୍ତ ଋଣ ଅସୁଲି ଯଦି କିଛି ଥାଏ | ୧୨.୦୪.୨୦୨୩ ଅପରାହ୍ନ ୨.୦୦ ଘଟିକାରୁ ସନ୍ଧ୍ୟା ୬.୦୦ ଘଟିକା | ଭୌତିକ | ୧୧.୦୪.୨୦୨୩ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ଟ.୨୧,୪୭,୪୦୦/- / ଟ.୨,୧୫,୦୦୦/- / ଟ.୧୦,୦୦୦/- |

ନିୟମ ଏବଂ ସର୍ତ୍ତାବଳୀ : ଆଗ୍ରହୀ ନିଲାମଧାରୀମାନେ **www.mstcecommerce.com** ରେ ଲଗଇନ୍ କରି **EMD** (ଅମାନତ ରାଶି) ତା.୧୧.୦୪.୨୦୨୩ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଅନ୍‌ଲାଇନ୍ ମାଧ୍ୟମରେ ଦାଖଲ କରିପାରିବେ ।

ନିଲାମର ସବିଶେଷ ନିୟମ ଓ ସର୍ତ୍ତାବଳୀ ନିମନ୍ତେ ଲିଙ୍କ୍ **https://www.bankofbaroda.com/e-auction.htm, www.mstcecommerce.com, and https://ibapi.in** ରେ ଦେଖନ୍ତୁ ।

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଯୋଗାଯୋଗ ନଂ.: (୦୬୭୪) ୨୩୮୭୧୦୦, ମୋ: ୭୩୨୮୮୩୪୧୪୨ରେ ଯୋଗାଯୋଗ କରିପାରିବେ ।

ଅଧିକ ବିବରଣୀ ନିମନ୍ତେ ଏହି କୋଡ୍‌କୁ ସ୍କାନ୍ କରନ୍ତୁ ।

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୫),୮(୬) ଏବଂ ୯(୧) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନିମନ୍ତେ ୧୫ ଦିନିଆ ନୋଟିସ୍ ।

ସ୍ଥାନ : ଭୁବନେଶ୍ୱର
ତାରିଖ : ୨୫.୦୩.୨୦୨୩

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା

# ଅପପୁଷ୍ଟି ଅଞ୍ଚଳର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

**ଯାଜପୁର ଅଫିସ,୨୫।୩**

ଯାଜପୁର ଜିଲା ସୁକିନ୍ଦା ବ୍ଲକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଆଦି ମୌଳିକ ସମସ୍ୟାର ସମାଧାନ ଏଯାଏ ସମ୍ପୂର୍ଣ୍ଣ ମାତ୍ରାରେ ସଫଳ ହୋଇପାରିନାହିଁ। ଏହାସହ ଏହି ଅଞ୍ଚଳରେ ଆଦିବାସୀ ପରିବାରରେ ଅପପୁଷ୍ଟି ଏବେ ବି ଦେଖାଯାଉଛି। ଅଞ୍ଚଳର ଅଧିକାଂଶ ଗ୍ରାମାଞ୍ଚଳ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଭିନ୍ନ ଯୋଜନାରେ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ମେଗା ଜଳଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟରେ ଲାଗିନାହିଁ। ତେଣୁ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟ ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଶନିବାର ଦୁଇଦିନିଆ ଯାଜପୁର ଜିଲା ଗସ୍ତରେ ଆସି ସୁକିନ୍ଦା ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଜିଲା ପ୍ରଦକ୍ଷଣ ଭବନଠାରେ ସେ ପହଞ୍ଚିବା ପରେ ତାଙ୍କୁ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ସ୍ୱାଗତ କରି ଜିଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ବନ୍ଧରେ ଅବଗତ କରାଇଥିଲେ। ଶନିବାର ଅପରାହ୍ଣରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ମନ୍ତ୍ରୀ ମୁଣ୍ଡା ଜିଲାପାଳ ରାଠୋର ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ ଜନଜାତିମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବିଭିନ୍ନ ଅଗ୍ରଣୀ କାର୍ଯ୍ୟକ୍ରମ ସମ୍ବନ୍ଧରେ ସମୀକ୍ଷା କରିଥିଲେ। ଜିଲାପାଳ ରାଠୋର ପାୱାର ପଏଣ୍ଟ ମାଧ୍ୟମରେ ମନ୍ତ୍ରୀଙ୍କୁ ଜନଜାତି ବହୁଳ ଦାନଗଦି ଓ ସୁକିନ୍ଦା ବ୍ଲକରେ କାର୍ଯ୍ୟକାରୀ ହେଉଥିବା ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନଜୀବିକା ମିଶନ କାର୍ଯ୍ୟକ୍ରମ, ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ଜଳସେଚନ, କୃଷି, ମାତୃ ଓ ଶିଶୁ ମଙ୍ଗଳ କାର୍ଯ୍ୟକ୍ରମ, ଶିଶୁ ମାତୃ ପୁଷ୍ଟିବର୍ଦ୍ଧକ କାର୍ଯ୍ୟକ୍ରମ, ବିଶୁଦ୍ଧ ପାନୀୟ ଜଳ, ଜଳଛାୟା ପ୍ରକଳ୍ପ, ସମନ୍ୱିତ କୃଷି, ସୁଷମ ବଣ୍ଟନ ବ୍ୟବସ୍ଥାରେ ରାଶନ କାର୍ଡ ଯୋଗାଣ, ଅନ୍ତ୍ୟୋଦୟ ଅନ୍ନ ଯୋଜନା, ଟସର ପ୍ରକଳ୍ପ ଏବଂ ଆତ୍ମନିଯୁକ୍ତି ଆଦି ଅଗ୍ରଗତି ଯୋଜନାର ସଫଳ ରୂପାୟନ ଦିଗରେ ଉପସ୍ଥାପନ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯାଜପୁର ଜିଲା ୯୫% ସଫଳତା ପାଇଥିବାରୁ ଏବଂ ୨ଜଣ ମହିଳା ସଲିଳା ଯେନା ଓ ବିଷ୍ଣୁପ୍ରିୟା ମହାକୁଡ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱଚ୍ଛ ସୁଜଳ ଶକ୍ତି ସମ୍ମାନ ପାଇଥିବାରୁ ମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀଙ୍କ ଅତିରିକ୍ତ ବ୍ୟକ୍ତିଗତ ସଚିବ ସଚିନ ସୌରଭ, ଏପିଏସ୍ ସନ୍ଦୀପ ମୁଖାର୍ଜୀ, ବ୍ୟକ୍ତିଗତ ସହାୟକ ସୁଧାକର ଚୌଧୁରୀ, ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଦିବ୍ୟଲୋଚନ ମହାନ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେଉରିଆ, ଜିଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ପ୍ରମୁଖ ଯୋଗଦେଇଥିଲେ। ପରେ ମନ୍ତ୍ରୀ ବିଞ୍ଝାରପୁର ବ୍ଲକ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ। ରବିବାର ମନ୍ତ୍ରୀ ମୁଣ୍ଡା ସୁକିନ୍ଦା, ବରୁଣ୍ଡେଇ, ବରୀ, ରତ୍ନଗିରି ଆଦି କ୍ଷେତ୍ର ପରିଦର୍ଶନର କାର୍ଯ୍ୟକ୍ରମ ଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନୂଆଦିଲ୍ଲୀ ଫେରିଯିବା କାର୍ଯ୍ୟକ୍ରମ ରହିଛି।



ସମୀକ୍ଷା ବୈଠକରେ ଯୋଗଦେଇଥିବା କେନ୍ଦ୍ର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଏବଂ ଅନ୍ୟମାନେ।

# ରାସ୍ତା ଅବରୋଧ ହଟାଇଲା ପୋଲିସ

**ପାଣିକୋଇଲି,୨୫।୩(ଡି.ଏନ.ଏ.):**

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସଂଯୋଗୀକରଣ ରାସ୍ତାରୁ ପଥର ହଟାଇଲା ପୋଲିସ। ଜନସାଧାରଣଙ୍କ ସୁବିଧା ପାଇଁ ମୂଳାପାଳ ପଞ୍ଚାୟତର ବୈତରଣୀ ନଦୀ କୂଳରୁ ବା ମୂଳାପାଳ ନଦୀ ବନ୍ଧରୁ ଜାତୀୟ ରାଜପଥକୁ ଉଠିବା ପାଇଁ ପୂର୍ବରୁ କୌଣସି ବ୍ୟବସ୍ଥା ନ ଥିଲା। ମାତ୍ର ରାଜପଥ ଦୋହାରୀକରଣ ବେଳେ ଏକ ସଂଯୋଗୀ କରଣ ରାସ୍ତା ବାହାର କରାଯାଇ ବ୍ରଜନଗର ଗ୍ରାମ ସଂଯୋଗୀକରଣ ରାସ୍ତାରେ ସାମିଲ କରାଯାଇଛି। ଏଥିସହିତ ବୈତରଣୀ ବ୍ରିଜ ନିକଟରେ ରାଜପଥକୁ ଉଠିବାକୁ ଗଡ଼ାଣି କରାଯାଇଛି। ଫଳରେ ମୂଳାପାଳ ପଞ୍ଚାୟତବାସୀ ରାଜପଥରେ ଯାତାୟାତ ପାଇଁ ପୂର୍ବଭଳି ରଙ୍ଗରୁଟ(ବିପରୀତ ରାସ୍ତା)ରେ ନ ଯାଇ ପୋଲ ତଳେ ଆସି ସିଧା ରାଜପଥକୁ ଉଠିପାରିବେ। ଏହାଦ୍ୱାରା ଦୁର୍ଘଟଣାକୁ ରୋକାଯାଇ ପାରିବ। ରାସ୍ତାଟି ମଧ୍ୟ ସମ୍ପୂର୍ଣ୍ଣୀକରଣ ହୋଇନାହିଁ। ହେଲେ କେତେଜଣ ଯୁବକ ଜୋରଜବରଦସ୍ତ ଉକ୍ତ ଗଡ଼ାଣି ରାସ୍ତାରେ ପଥର ଥୋଇ ରାସ୍ତା ଅବରୋଧ କରିଥିଲେ। ଫଳରେ ସେହି ରାସ୍ତା ଦେଇ ଯାତାୟାତ ଠପ୍ ହୋଇ ଯାଇଥିଲା। ଏନେଇ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇବା ସହ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ତଦନ୍ତ କରିଥିଲା। ହେଲେ ସେତେବେଳକୁ ଘଟଣାସ୍ଥଳରୁ ସମସ୍ତେ ଚମ୍ପଟ ମାରିଥିଲେ। ପରେ ପୋଲିସ ଉକ୍ତ ପଥରକୁ କାଢି ଯାତାୟାତର ସୁଯୋଗ ସୃଷ୍ଟି କରିଥିଲା।



୧୬ ନଂ.ଜାତୀୟ ରାଜପଥର ସଂଯୋଗୀକରଣ ରାସ୍ତାକୁ ପଥର ପକାଇ ଅବରୋଧ କରାଯାଇଛି।

# ରାଜସ୍ୱ ନିରୀକ୍ଷକଙ୍କୁ ଜାତିଆଣ ଆକ୍ଷେପ

**ବରୀ,୨୫।୩(ଡି.ଏନ.ଏ.):**

ଯାଜପୁର ଜିଲା ବରୀ ତହସିଲ ଅଧୀନ ମଧୁସୂଦନପୁର ସର୍କଲ ରାଜସ୍ୱ ନିରୀକ୍ଷକ ସୁମନ୍ତ କୁମାର ମଲିକଙ୍କୁ ଜାତିଆଣ ଆକ୍ଷେପ ହୋଇଛି। ଏ ନେଇ ସେ ବରୀ-ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ଥାନା ଅଧୀନ ଅରୁଆଳ ଗ୍ରାମର ଯୁଗୋଳ କିଶୋର ପରିଡ଼ା ନାମକ ବ୍ୟକ୍ତି ତାଙ୍କୁ ଜାତିଆଣ ଆକ୍ଷେପ କରିଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଛି।

ସେ ଅଭିଯୋଗରେ ଦର୍ଶାଇଛନ୍ତି, ଏହି ରାଜସ୍ୱ ସର୍କଲ ଅଧୀନ ମଧୁସୂଦନପୁର ଗ୍ରାମର ଜଣେ ମୃତ ବ୍ୟକ୍ତିଙ୍କ ଉତ୍ତରାଧିକାରୀ ପ୍ରମାଣପତ୍ରରେ ତାଙ୍କ ସମସ୍ତ ଝିଅଙ୍କ ନାମକୁ କାଟିବା ପାଇଁ ପରିଡ଼ା ଚାପ ପକାଉଥିଲେ। ମାତ୍ର ଏହା ବେଆଇନ ହୋଇଥିବାରୁ ଏହି ଦସ୍ତାବିଜ ଉପରେ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ଦସ୍ତଖତ କରିବାକୁ ମନା କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ପରିଡ଼ା ତହସିଲ ଅଫିସ ପରିସରରେ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କୁ ନାନା ଧମକ ଚମକ ଦେବାକୁ ସହ ତାଙ୍କ ଜାତିକୁ ନେଇ କଟୁ ମନ୍ତବ୍ୟ ଦେଇଥିଲେ। ଏପରି କି ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କୁ ପଚାରିବାରେ ସେ କହିଛନ୍ତି, ରାଜସ୍ୱ ନିରୀକ୍ଷକଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରହିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଅଭିଯୁକ୍ତ ପରିଡ଼ାଙ୍କୁ ଫୋନ୍‌ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ୍ ସୁଇଚ୍ ଅଫ୍ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ବଳାତ୍କାରୀଙ୍କୁ ୧୦ ବର୍ଷ କାରାଦଣ୍ଡ, ୩୦ହଜାର ଜରିମାନା

**ଯାଜପୁର ଟାଉନ,୨୫।୩(ଡି.ଏନ.ଏ.):**

ଜଣେ ବଳାତ୍କାରୀଙ୍କୁ ୧୦ ବର୍ଷ କାରାଦଣ୍ଡ ସହ ୩୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟରେ ୩ ବର୍ଷ ଅଧିକ ଜେଲ ଦଣ୍ଡାଦେଶରେ ଦଣ୍ଡିତ କରି ଶନିବାର ଏକ ରାୟ ପ୍ରକାଶ କରିଛନ୍ତି ଯାଜପୁର ଆଡ୍‌ହକ୍ ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ଯତିନ୍ଦ୍ର ମୋହନ ବେହେରା।

ବିବରଣୀରୁ ପ୍ରକାଶ, ୨୦୧୮ ବାହୁଡ଼ା ଯାତ୍ରାର ୧୦/୧୨ ଦିନ ଭିତରେ ଜଣେ ୨୩ ବର୍ଷୀୟା ଯୁବତୀଙ୍କୁ ତାଙ୍କ ପିଉସୀ ଘରେ ପଶି ରାତି ୮.୩୦ରେ ବଳାତ୍କାର କରିଥିଲେ ଯାଜପୁର ସଦର ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମର ପ୍ରକାଶ କବି(୨୪)। ଏଥିସହିତ ପୀଡ଼ିତା ଏବଂ ତାଙ୍କ ପରିବାରକୁ ମାରିଦେବାର ଧମକ ଦେଇଥିଲେ। ତେଣୁ ଯୁବତୀ ଘଟଣାକୁ ଘରଲୋକଙ୍କୁ ଜଣାଇ ନ ଥିଲେ। ୫ ମାସ ପରେ ପୀଡ଼ିତା ଗର୍ଭବତୀ ଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ତେଣୁ ପୀଡ଼ିତାଙ୍କ ବାପା ଗ୍ରାମବାସୀଙ୍କୁ ଉକ୍ତ ଘଟଣା ବିଷୟରେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ସଦର ଥାନାରେ ପୀଡ଼ିତା ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ନଂ.୨୨୯/୧୮ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୧୫ ସାକ୍ଷୀଙ୍କ ସାକ୍ଷକୁ ଭିତ୍ତିକରି ବିଚାରପତି ଉକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଓକିଲ ଶୈଳେନ୍ଦ୍ର କୁମାର ସାମଲ ମାମଲା ପରିଚାଳନା କରିଥିଲେ। ରାୟରେ ପୀଡ଼ିତା ଓ ତାଙ୍କ ଝିଅଙ୍କୁ ସର୍ବାଧିକ ଆର୍ଥିକ ସହାୟତା ପ୍ରଦାନ ପାଇଁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

# ବାର୍ ଆସୋସିଏଶନ ସଭାପତି ହେଲେ ବିଚିତ୍ରାନନ୍ଦ

**କେନ୍ଦ୍ରାପଡ଼ା ଅଫିସ, ୨୫।୩**

କେନ୍ଦ୍ରାପଡ଼ା ଜିଲା ବାର ଆସୋସିଏଶନ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ନିର୍ବାଚନରେ ସଭାପତି ଭାବେ ବିଚିତ୍ରାନନ୍ଦ ମହାନ୍ତି ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ଅଧିକାରୀ ସଞ୍ଜୟ କୁମାର ପତ୍ରୀଙ୍କ ସୂଚନା ଅନୁଯାୟୀ ଗତ ୬ ତାରିଖ ମଧ୍ୟରେ ଆସୋସିଏଶନ ନିର୍ବାଚନର ବିଭିନ୍ନ ପଦବୀ ପାଇଁ ୧୮ ଜଣ ନାମାଙ୍କନ ପତ୍ର ଦାଖଲ କରିଥିଲେ । ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ଯାଞ୍ଚ ପରେ ଯୁଗ୍ମ ସମ୍ପାଦକ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଦାସ ଓ ପୁରୁଷ ସଭ୍ୟ ପ୍ରାର୍ଥୀ ଅନନ୍ତ କୁମାର ପାତ୍ର ଅପ୍ରତିଦ୍ୱନ୍ଦ୍ୱୀ ଥିଲେ । ନିର୍ବାଚନରେ ୧୪ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ଆସୋସିଏଶନର ମୋଟ ୫୩୮ ଜଣଙ୍କ ମଧ୍ୟରୁ ମୋଟ ୫୧୧ ଜଣ ଭୋଟଦାନ କରିଥିଲେ । ସଭାପତି ପଦରେ ମହାନ୍ତି ନିର୍ବାଚିତ ଥିବାବେଳେ ଉପସଭାପତି ପ୍ରଭାତ କୁମାର ପ୍ରଧାନ, ସମ୍ପାଦକ ଧନୁର୍ଦ୍ଧର ନାୟକ, ସହ ଯୁଗ୍ମ ସମ୍ପାଦକ ପବିତ୍ର ପରିଡ଼ା, କୋଷାଧ୍ୟକ୍ଷ ଦୟାଶଙ୍କର ବାରିକ ଓ ମହିଳା ସଭ୍ୟା ଭାବେ ମମତାମୟୀ ସାମଲ ଆସୋସିଏଶନକୁ ନିର୍ବାଚିତ ହୋଇଛନ୍ତି । ଏହି ନିର୍ବାଚନରେ ସହକାରୀ ନିର୍ବାଚନ ଅଧିକାରୀ କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ, ଦିଲ୍ଲୀପ କୁମାର ମହାନ୍ତି, ଶାରଦା ନାୟକ, ଗଗନ ଚନ୍ଦ୍ର ଖଟୁଆ, ଜ୍ଞାନେନ୍ଦ୍ର ପାଣି ଓ ରମାକାନ୍ତ କାନୁନଗୋ ପ୍ରମୁଖ ପରିଚାଳନା କରିଥିଲେ ।

## ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନ ନିର୍ବାଚନ

# ରେଣୁବାଳା ସଭାପତି, ପ୍ରକାଶ ସମ୍ପାଦକ

**ଚଣ୍ଡିଖୋଲ,୨୫।୩(ଡି.ଏନ୍.ଏ.):**

ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ୍‌ର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ରେଣୁବାଳା ମହାନ୍ତି, ସମ୍ପାଦକ ଭାବେ ପ୍ରକାଶ କୁମାର ଦାସ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ଶ୍ରୀକାନ୍ତ କୁମାର ବଳ, କୋଷାଧକ୍ଷ ଚିନ୍ମୟ କୁମାର ପ୍ରତାପ, ସାଂସ୍କୃତିକ ସହସମ୍ପାଦକ ବୀରେନ କୁମାର ବିଶ୍ୱାଳ, ଲାଇବ୍ରେରୀ ସହସମ୍ପାଦକ ଭାବେ ଦିନବନ୍ଧୁ ନାୟକ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଜ୍ଞାନେସ ମହାନ୍ତି, ହେମନ୍ତ କୁମାର ମହାଲା, ସାରଦା ଯୋଗମାୟା ନାୟକ, ସୁଢଳ କବି, ଶ୍ୟାମପ୍ରସାଦ ଦାସ ଓ ସୁରେଶ ସାହାଣୀ ମନୋନୀତ ହୋଇଛନ୍ତି। କୋର୍ଟ ବାର ଆସୋସିଏଶନ ହଲରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ଅଧିକାରୀଭାବେ ଜନ୍ ବେହେରା ଓ ସହକାରୀ ନିର୍ବାଚନ ଅଧିକାରୀ ଭାବେ ଶରତ କୁମାର ଷଡ଼ଙ୍ଗୀ ନିର୍ବାଚନ ପରିଚାଳନା କରିଥିଲେ।



ରେଣୁବାଳା ମହାନ୍ତି



ପ୍ରକାଶ କୁମାର ଦାସ

# ସମବାୟ ବ୍ୟାଙ୍କିଙ୍ଗ୍ ସେବା, ଋଣ କର୍ମଶାଳା



କର୍ମଶାଳାରେ ସମ୍ବର୍ଦ୍ଧିତ ହୋଇଥିବା ସଭାପତି ଓ ଅନ୍ୟମାନେ।

**ଧର୍ମଶାଳା,୨୫।୩(ଡି.ଏନ.ଏ.):**

ଧର୍ମଶାଳା ବ୍ଲକ ଅଧୀନ ଜାରକା ଷ୍ଟାଡିୟମ ପରିସରରେ ସମବାୟ ସେବା ସମିତି ପକ୍ଷରୁ ଏକ ମଣ୍ଡଳସ୍ତରୀୟ ବ୍ୟାଙ୍କିଂ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶନିବାର ଅପରାହ୍ଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଅତିଥିଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଦେଓଦା କୃଷି ସମବାୟ ସମିତି ସଭାପତି ବିକାଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅତିଥିଭାବେ ଜଏଣ୍ଟ ରେଜିଷ୍ଟ୍ରାର ରୁଦ୍ରପ୍ରସାଦ ଦାସ, ଏଆର୍‌ସିଏସ୍ ଶରତ ଚନ୍ଦ୍ର ମଲିକ, କ୍ଷେତ୍ର ଅଧିକାରୀ ଭାଗବତ ମରାଣ୍ଡି, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଦୁଃଶାସନ ସାହୁ, ଶରତ ଚନ୍ଦ୍ର ସାହୁ, ବିଜୟ କୁମାର ଦଳାଇ, ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ସେଠୀ ଯୋଗଦେଇ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଧର୍ମଶାଳାରେ ନୂତନ ଭାବେ ୧୧ ସମବାୟ ସମିତି ଗଠନ କରାଯିବାକୁ ସ୍ଥିର କରାଯାଇଛି ଏବଂ ସାଧାରଣ ଚାଷୀଙ୍କୁ ୧ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯିବ। ଯେଉଁ ଚାଷୀ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଋଣ ପରିଶୋଧ କରିବେ ସେମାନଙ୍କୁ ସୁଧ ଛାଡ଼ କରାଯିବ ବୋଲି ସେବା ସମବାୟ ସମିତି ପକ୍ଷରୁ ଚାଷୀଙ୍କୁ ସଚେତନ କରିବା ପାଇଁ ବିଧାୟକ ବଳବନ୍ତରାୟ ପରାମର୍ଶ ଦେଇଥିଲେ।

ସେହିପରି ଯେଉଁ ସେବା ସମିତି ଗୁଡିକର ନିଜସ୍ୱ ଗୃହ ନାହିଁ ନୂତନ ଗୃହ ନିର୍ମାଣ ନିମନ୍ତେ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ପ୍ରସ୍ତୁତ ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଧର୍ମଶାଳା ବ୍ଲକର ୧୩ ସମବାୟ ସମିତି ସଭାପତିଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଚାଷୀ ଓ ସେବା ସମବାୟ ସମିତି କର୍ମକର୍ତ୍ତା, ସଦସ୍ୟ ଓ ଜନପ୍ରତିନିଧି ଯୋଗ ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କାଶୀନାଥ



@ ସୁକାନ୍ତ



@ ଲିପୁନ୍



@ ରଜତ



@ ରଶ୍ମିରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବେଟର ହାଫ୍‌ରେ ବଙ୍ଗୀୟ ଦମ୍ପତିଙ୍କ ଜୀବନୀ ପ୍ରଦର୍ଶିତ

## ଜାତୀୟ ନାଟ୍ୟ ମହୋତ୍ସବରେ ୨ ନାଟକ ମଞ୍ଚସ୍ଥ

**ପାରାଦୀପ,୨୫।୩(ସ୍ୱ.ପ୍ର.)**

ପାରାଦୀପର ୨ଟି ହଲ୍‌ରେ ଶନିବାର ଜାତୀୟ ନାଟ୍ୟ ମହୋତ୍ସବର ନାଟକ ମଞ୍ଚସ୍ଥ ହୋଇଛି। ଜୟଦେବ ଭବନରେ ମଧ୍ୟପ୍ରଦେଶ ଭୋପାଳ ସହର ଚେତନା ରଙ୍ଗ ସମୂହ ଅନୁଷ୍ଠାନ ପକ୍ଷରୁ ହିନ୍ଦୀ ନାଟକ 'ବେଟର ହାଫ୍' ମଞ୍ଚସ୍ଥ ହୋଇଥିଲା। ଲେଖକ ଏବଂ ନିର୍ଦ୍ଦେଶକ ଆଶିଷ ଶ୍ରୀବାସ୍ତବଙ୍କ ଏହି ନାଟକରେ ଗୋଟିଏ ବଙ୍ଗୀୟ ଦମ୍ପତିଙ୍କ ଜୀବନୀ ରହିଥିଲା। ଦମ୍ପତି ପରସ୍ପର ପ୍ରତି ଅତ୍ୟନ୍ତ ଶ୍ରଦ୍ଧା କରୁଥିଲେ। ବୟସର ସାୟାହ୍ନରେ ସ୍ତ୍ରୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସ୍ୱାମୀ ତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ତାଙ୍କର ମୃତ୍ୟୁ ଘଟିଛି। ଉକ୍ତ ଚିକିତ୍ସାଳୟ ଓ ଡାକ୍ତରଙ୍କ ବିରୋଧରେ ବୃଦ୍ଧ ଜଣକ ଦୀର୍ଘଦିନ ଧରି ନ୍ୟାୟିକ ଲଢ଼େଇ କରି ଶେଷରେ ଜିତିଛନ୍ତି। ଏଥିପାଇଁ ମିଳିଥିବା ଧନରାଶି ଗରିବ ପିଲାଙ୍କ ପାଠପଢ଼ା ପାଇଁ ଉତ୍ସର୍ଗ କରିଛନ୍ତି। ଏହି ସନ୍ଧ୍ୟାରେ ବାଣିଜ୍ୟ ଓ ପରିବହନ ସଚିବ ସଞ୍ଜୟ କୁମାର ମିଶ୍ର, ଜଗତ୍‌ସିଂହପୁର ଏସ୍‌ପି ରାହୁଲ ପି.ଆର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

ସେହିପରି ଶୁକ୍ରବାର ପାରାଦୀପ ଜୟଦେବ ସଦନରେ ମଞ୍ଚସ୍ଥ ହୋଇଥିବା ନାଟକ ଫ୍ଲର୍ଟ ଶନିବାର ପୁନର୍ବାର ତୈଳ ବିଶୋଧନାଗାର ପ୍ରଦର୍ଶନୀ ହଲ୍‌ରେ ପରିବେଷଣ କରାଯାଇଥିଲା। ରାଜସ୍ଥାନ ଜୟପୁର କଳା ସମାଜ ଅନୁଷ୍ଠାନ ପକ୍ଷରୁ ଏହି ନାଟକ ଅନୁଷ୍ଠିତ ହୋଇଥିଲା।



ନାଟକ 'ବେଟର ହାଫ୍'ର ଏକ ଦୃଶ୍ୟ।

# ୪ ବର୍ଷ ପରେ ବି ମିଳିଲାନି କ୍ଷତିପୂରଣ

- ଭୁଲ୍ ଚିକିତ୍ସା କୁନି ଝିଅକୁ କରିଦେଲା ଦୃଷ୍ଟିହୀନ
- ଆଖିଡ୍ରପ୍ ବଦଳରେ ଡାକ୍ତର ପକାଇଥିଲେ କାନଡ୍ରପ୍
- ମିଳୁନି ଭିନ୍ନକ୍ଷମ ସାର୍ଟିଫିକେଟ, ଆବାସ ଯୋଜନାରେ ଘର
- ଅଭିଶପ୍ତ ଜୀବନ ବିତାଉଛନ୍ତି ୭ ବର୍ଷର ନାବାଳିକା ପରିବାର



ମା'ଙ୍କ ସହିତ ରିଙ୍କି।

**ନୟାଗଡ଼ ଅଫିସ,୨୫।୩**

ଡାକ୍ତରଙ୍କ ଭୁଲ ଚିକିତ୍ସା କାରଣରୁ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ନଛିପୁର ଗାଁର ଜଣେ ନାବାଳିକା ଦୃଷ୍ଟିହୀନ ହୋଇ ଅଭିଶପ୍ତ ଜୀବନ ବିତାଉଛନ୍ତି । ଆଖିଡ୍ରପ ବଦଳରେ କାନ ଡ୍ରପ ଡାକ୍ତର ପକାଇବାରୁ ଆଖି ନଷ୍ଟ ହୋଇଯାଇଥିଲା । ଇତିମଧ୍ୟରେ ୪ ବର୍ଷ ବିତି ଯାଇଥିଲେ ମଧ୍ୟ ସରକାରୀ କ୍ଷତିପୂରଣ କି ସହାୟତା ମିଳିନି । ଡାକ୍ତରଙ୍କ ବିରୋଧରେ ବି କାର୍ଯ୍ୟାନୁଷ୍ଠାନ ହେଲାନି। ନାବାଳିକାଙ୍କ ଭିନ୍ନକ୍ଷମ ସାର୍ଟିଫିକେଟ କି ଆବାସ ଯୋଜନାରେ ଘର ମଧ୍ୟ ଦେବାରେ ପ୍ରଶାସନ ଅସମର୍ଥ ହୋଇଛି ।

୨୦୧୯ ସେପ୍ଟେମ୍ବର ୨୯ରେ ନଛିପୁର ଗାଁର ଚନ୍ଦ୍ରକାନ୍ତ ଗୋଛାୟତଙ୍କ ୪ ବର୍ଷର ଝିଅ ରିଙ୍କିଙ୍କ ଆଖିରେ କ୍ଲିପ୍ ବାଜିବାରୁ ଯନ୍ତ୍ରଣା ହୋଇଥିଲା । ପରିବାର ଲୋକ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ରିଙ୍କିଙ୍କ ଆଖିକୁ ଦେଖି ଡାକ୍ତର ସାଇରନ ନାମକ ଏକ ଡ୍ରପ୍ ଲେଖିଥିଲେ । ନିରାମୟ କେନ୍ଦ୍ରରୁ ଡ୍ରପ୍ ଆଣିବା ପରେ ଆଖିରେ ପକାଇ କହିଥିଲେ ବ୍ୟସ୍ତ ହୁଅନ୍ତୁନି, ଭଲ ହୋଇଯିବ। ପରିବାର ଲୋକ ଘରକୁ ଫେରିଥିଲେ । ହେଲେ ଡ୍ରପ୍ ପକାଇବାର କିଛି ସମୟ ପରେ ଆଖିର ବେଦନା ବଢ଼ିଥିଲା । ଜଣାପଡିଥିଲା ସାଇରନ ନାମକ ଡ୍ରପ୍ ଆଖି ପାଇଁ ନୁହେଁ କାନ ପାଇଁ ଉର୍ଦ୍ଦିଷ୍ଟ ଥିଲା । ଭୁଲ ଔଷଧ ଯୋଗୁ ରିଙ୍କିଙ୍କ ଡାହାଣ ଆଖି ନଷ୍ଟ ହୋଇଗଲା । ୨୦୧୯ର ଏହି ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା । ଏହା ପରଠାରୁ ରିଙ୍କିଙ୍କ ପରିବାର ନ୍ୟାୟ ପାଇଁ ଲଢ଼େଇ ଜାରି ରଖିଛନ୍ତି । ଘଟଣା ସମ୍ପର୍କରେ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ ହୋଇଛି । ବିଭିନ୍ନ ସମୟରେ ବିଡିଓ, ଜିଲାପାଳଙ୍କ ପାଖରେ ଅଭିଯୋଗ ହୋଇଛି । ତେବେ ୪ ବର୍ଷ ଭିତରେ ସରକାରୀ କ୍ଷତିପୂରଣ ଅଥବା ସହାୟତା ସ୍ୱପ୍ନ ହୋଇ ରହିଛି। ଗୋଟିଏ ଆଖି ନଷ୍ଟ ହୋଇଗଲା ପରେ ରିଙ୍କି ଭିନ୍ନକ୍ଷମ ହୋଇଗଲେ। ତାଙ୍କୁ ଭିନ୍ନକ୍ଷମ ସାର୍ଟିଫିକେଟ ମିଳୁନି। ସେପଟେ ରିଙ୍କିଙ୍କ ବାପା ଚନ୍ଦ୍ରକାନ୍ତ ରକ୍ତହୀନତା ରୋଗରେ ପୀଡ଼ିତ ହୋଇ ଝିଅ କଥା ଭାବି ଭାବି ଆଖି ବୁଜିଲେ । ପରିବାରର ମୁଖିଆ ଚାଲିଯିବା ପରେ ଘରେ ରୋଜଗାରକ୍ଷମ ବ୍ୟକ୍ତି କେହି ନାହାନ୍ତି । ରିଙ୍କିଙ୍କ ପରିବାର କହିଲେ ମା, ଦୁଇ ଭଉଣୀ, ଜେଜେବାପା ଓ ଜେଜେମା। ଦାରିଦ୍ର୍ୟ କାରଣରୁ ରିଙ୍କିଙ୍କ ଘର ଛପର ହୋଇ ପାରୁନାହିଁ । ପୁଣି ତାଙ୍କ ପରିବାର ରାଶନ କାର୍ଡ ମଧ୍ୟ ପାଇ ନାହିଁ । ଏନେଇ ରିଙ୍କି କୁହନ୍ତି, ମୋ ଆଖିର ଜ୍ୟୋତି ତ ଆଉ ଫେରି ଆସିବନି। ହେଲେ ସରକାର କିଛି କ୍ଷତିପୂରଣ ଦେବାର ବ୍ୟବସ୍ଥା କରିବା ଦରକାର । ମୋତେ ଭିନ୍ନକ୍ଷମ ସାର୍ଟିଫିକେଟ ମିଳିଲେ ମୁଁ ଉପକୃତ ହେବି । ପୁଣି ମୋ ପରିବାର ଆବାସ ଯୋଜନାରେ ଘରଟିଏ ମଞ୍ଜୁର କରାଇବା ସହ ରାଶନ କାର୍ଡରେ ଖାଉଟି ସାମଗ୍ରୀ ଦେବାର ବନ୍ଦୋବସ୍ତ କରାଇବାର ଆବଶ୍ୟକତା ରହିଛି । ହେଲେ ମୋ ସ୍ୱର ସରକାର ଅଥବା ଜିଲା ପ୍ରଶାସନ ପାଖରେ ପହଞ୍ଚି ପାରୁ ନାହିଁ । ମୋ ପରିବାର ପକ୍ଷରୁ ଅଭିଯୋଗ ପରେ କାହିଁକି ପ୍ରଶାସନ ଓ ସରକାର ନିର୍ଦ୍ଦୟ ହୋଇଛନ୍ତି ମୁଁ ଜାଣିପାରୁ ନାହିଁ । କେତେଦିନ ଅଭାବ ଅସୁବିଧାରେ ଆଖିଆ ଅପିଆରେ ରହିବୁ କହି ସେ କାନ୍ଦି ପକାଇଥିଲେ । ଏନେଇ ଉପଜିଲାପାଳ ଶକ୍ତିକାନ୍ତ ରାୟ କୁହନ୍ତି, ଏଭଳି ଘଟଣା ଆମ ନଜରକୁ ଆସିନି । ତେବେ ସମ୍ପୃକ୍ତ ନାବାଳିକାଙ୍କ ପରିବାରକୁ କଣ କରାଯାଇ ପାରିବ ବିଡିଓଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଝରକା ଗ୍ରୀଲ୍ ତାଡ଼ି ସୁନା ଅଳଙ୍କାର ଚୋରି

**ଭାପୁର,୨୫।୩ (ଡି.ଏନ୍.ଏ.):** ନୟାଗଡ଼ ଜିଲା ଫତେଗଡ଼ ଥାନା ଅନ୍ତର୍ଗତ ଭାପୁର ବ୍ଲକ ଶାସନ ପଞ୍ଚାୟତ ରଗଡିପଡ଼ା ଗ୍ରାମରୁ ବିଳମ୍ବିତ ରାତିରେ ଝରକା ଗ୍ରୀଲ ତାଡ଼ି ୧୦ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ରଗଡିପଡା ଗ୍ରାମର ଚିନ୍ତାମଣି ପଟ୍ଟନାୟକଙ୍କ ଘରେ ଦୁର୍ବୃତ୍ତମାନେ କଳାକାର ଖୁଲାଇ ଦେଇଛନ୍ତି। ଶୁକ୍ରବାର ରାତିରେ ଚିନ୍ତାମଣିଙ୍କ ପରିବାର ଖାଇପିଇ ରାତିରେ ଶୋଇଥିବା ବେଳେ ଏହି ଘଟଣା ଘଟିଛି। ଚୋର ଦଳ ଆଲମାରୀ ତାଡ଼ି ଟଙ୍କା, ସୁନା ଅଳଙ୍କାର ଚୋରି କରିନେଇଥିଲେ। ମୁଁ ଉଠିଲା ବେଳକୁ ସେମାନଙ୍କ ଘରର ବାହାର ପଟ ବନ୍ଦ କରି ଦେଇଥିଲେ । ପାଖ ପଡୋଶୀକୁ ଡାକି ଘରୁ ପଦାକୁ ଆସିଥିଲି ବୋଲି ଚିନ୍ତାମଣି କହିଛନ୍ତି। ଫତେଗଡ଼ ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି । ଚିନ୍ତାମଣିଙ୍କ ବଡ଼ପୁଅ ନିହାର ରଞ୍ଜନ ପଟ୍ଟନାୟକଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ତଦନ୍ତ ଜାରି ରଖିଛି।

### ସଡ଼କ ଦୁର୍ଘଟଣାରେ ଜଣେ ଆହତ

**ଭାପୁର,୨୫।୩(ଡି.ଏନ.ଏ.):** ନୟାଗଡ଼ ଜିଲା ଫତେଗଡ଼ ଥାନା ଅନ୍ତର୍ଗତ ଭାପୁର ବ୍ଲକ ବଡସହରା ପଞ୍ଚାୟତର ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ (୪୨) ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି । ସେ ଶନିବାର ପୂର୍ବାହ୍ନ ୧୧ଟାରେ ନିଜ ଗ୍ରାମ ଜାମୁସାହିଠାରୁ ଭାପୁର ବଜାରକୁ ନିଜ ବାଇକ୍‌ରେ ଆସୁଥିଲେ। ମାନପୁର ଗ୍ରାମ ନିକଟ ରାସ୍ତାରେ ଏକ ଭାରିଯାନକୁ ଓଭରଟେକ କରୁଥିବା ସମୟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଖାଲରେ ବାଇକ୍ ସହିତ ପଡିଯାଇଥିଲେ। ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି ।

### ବାର୍ଷିକ ପରୀକ୍ଷା ସରିବା ପରେ ହୋଲି

**ଖଣ୍ଡପଡ଼ା,୨୫।୩(ସ୍ୱ.ପ୍ର.):** ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପ୍ରଥମରୁ ୮ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବାର୍ଷିକ ପରୀକ୍ଷା ଶନିବାର ଶେଷ ହୋଇଛି। ପରୀକ୍ଷା ଶେଷ ପରେ ଛାତ୍ରୀଛାତ୍ରମାନେ ପରସ୍ପର ମଧ୍ୟରେ ରଙ୍ଗ ବୋଳାବୋଳି ହୋଇଥିଲେ। ମାଟ୍ରିକ ପରୀକ୍ଷା ଶେଷ ହେବା ପରେ ଛାତ୍ରୀଛାତ୍ରମାନେ ରଙ୍ଗ ଖେଳି ଖୁସି ମନାଇଥିଲେ ।

# ଷଠିଆପଲ୍ଲୀରେ ଦଣ୍ଡ ପର୍ବ ଆରମ୍ଭ




ଦଣ୍ଡଯାତ୍ରା ପାଇଁ ଶ୍ରଦ୍ଧାଳୁଙ୍କ ପୂଜାର୍ଚ୍ଚନା।

**ନୟାଗଡ଼ ଅଫିସ,୨୫।୩**

ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଦଣ୍ଡପର୍ବ ଆରମ୍ଭ ହୋଇଛି । ନୟାଗଡ଼ ବ୍ଲକ ଷଠିଆପଲ୍ଲୀ ଗାଁରେ ଦଣ୍ଡ ପର୍ବ ପାରମ୍ପରିକ ରୀତିରେ ଚାଲିଛି । ସେଠାରେ ୨୧ ଦିନ ଧରି ଦଣ୍ଡଯାତ୍ରା ହେବ । ୧୩ଜଣ ଦଣ୍ଡୁଆ ଚଳିତ ବର୍ଷ ଦଣ୍ଡପର୍ବରେ ସାମିଲ ହୋଇଛନ୍ତି । ରାତିରେ ଠାକୁର ବିଭିନ୍ନ ଗାଁକୁ ଯାଇଛନ୍ତି । ଦଣ୍ଡ ନାଚ ଦେଖିବାକୁ ଭିଡ଼ ଜମୁଛି । ଓଡିଆ ଲୋକନାଟ୍ୟ ପରମ୍ପରାର ଦଣ୍ଡଯାତ୍ରା ସଂସ୍କୃତି ଅତି ପ୍ରାଚୀନ । ଏହାର ରୀତିନୀତି ନିଆରା । ପୀଠର ଅନୁକୂଳ ଓ ଅନ୍ତିମ ପର୍ବ ଏକା ପରି ହୋଇଥିବାବେଳେ ଆର୍ଥିକ ସମ୍ବଳ ଅନୁସାରେ କେଉଁଠି ୨୧ ଦିନ ତ ଆଉ କେଉଁଠି ୫ରୁ ୧୯ ଦିନ ପର୍ଯ୍ୟନ୍ତ ଏହି ପର୍ବ ପାଳନ କରାଯାଇଥାଏ । ମାନସିକ ପୂରଣ କରିବାର ସଂକଳ୍ପକୁ ନେଇ ଚଇତାଳି ଖରାକୁ ଖାତିରି ନ କରି ମନ ଭିତରେ ରହିଥିବା ଭକ୍ତି ଓ ଭାବନାକୁ ଉଜ୍ଜୀବିତ କରିଥାନ୍ତି ଦଣ୍ଡୁଆ।

# ଓଡ଼ଗାଁ ବାର୍ ଆସୋସିଏଶନ ନୂତନ କର୍ମକର୍ତ୍ତା

### ମହାଦେବ ବିଶ୍ୱାଳ ସଭାପତି, ପାଣ୍ଡୁଚରଣ ବେହେରା ସମ୍ପାଦକ

**ଓଡ଼ଗାଁ,୨୫।୩(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ବାର ଆସୋସିଏଶନର ନୂତନ କର୍ମକର୍ତ୍ତା ଚୟନ ଶନିବାର ଶେଷ ହୋଇଛି । ବାର ଆସୋସିଏଶନ ତରଫରୁ ନିର୍ବାଚନ ଅଧିକାରୀ ସୁବାସ ଚନ୍ଦ୍ର ପାତ୍ରଙ୍କ ସୂଚନା ଅନୁଯାୟୀ, ମହାଦେବ ବିଶ୍ୱାଳ ସଭାପତି, ପ୍ରଫୁଲ୍ଲ କୁମାର ପ୍ରଧାନ ଉପସଭାପତି, ପାଣ୍ଡୁଚରଣ ବେହେରା ସମ୍ପାଦକ, ପ୍ରଭାତ କୁମାର ପୃଷ୍ଟି ଯୁଗ୍ମ ସମ୍ପାଦକ, ରାଧାକାନ୍ତ ମହାପାତ୍ର କୋଷାଧ୍ୟକ୍ଷ, ସୁଶାନ୍ତ କୁମାର ମିଶ୍ର ପାଠାଗାର ସମ୍ପାଦକ ଓ ବିଭୂତି ରାଉତଙ୍କୁ ସହସମ୍ପାଦକ ଭାବେ ଚୟନ କରାଯାଇଛି। ସେହିପରି ପୂର୍ଣ୍ଣଚନ୍ଦ୍ର ଦୋରା, ନିରଞ୍ଜନ ମହାପାତ୍ର, ବିମଳେନ୍ଦୁ କୁମାର ନନ୍ଦ, ଦିବ୍ୟଜୀବନ ପାଣିଗ୍ରାହୀ, ଅମୂଲ୍ୟ ପ୍ରସାଦ ପ୍ରଧାନ ଓ ସୁବାସ ଚନ୍ଦ୍ର ପାତ୍ରଙ୍କୁ କାର୍ଯ୍ୟକାରୀ ସଦସ୍ୟ ଭାବେ ଚୟନ କରାଯାଇଥିବା ନିର୍ବାଚନ ଅଧିକାରୀ ପାତ୍ରଙ୍କ ଦ୍ୱାରା ଜାରି କରାଯାଇଥିବା ବିଜ୍ଞପ୍ତିରୁ ଜଣାପଡ଼ିଛି।ଏନେଇ ଏହାର ଏକକିତା ନକଲ ନିର୍ବାଚିତ ସଦସ୍ୟଙ୍କ ସମେତ ସମସ୍ତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରେରଣ କରାଯାଇଛି ।

## ଜିଲା ଓକିଲ ସଂଘ ନିର୍ବାଚନ

# ଝୁଜୁ ସଭାପତି, ସ୍ୱଦେଶ ସମ୍ପାଦକ

**ନୟାଗଡ଼ ଅଫିସ,୨୫।୩**



ଜିଲା ଜଜ କୋର୍ଟ ପରିସରରେ ନୟାଗଡ଼ ଜିଲା ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି । ସଭାପତି ଭାବେ ମନୋରଞ୍ଜନ ମହାପାତ୍ର(ଝୁଜୁ) ଓ ସମ୍ପାଦକ ଭାବେ ସ୍ୱଦେଶ ମିଶ୍ର ନିର୍ବାଚିତ ହୋଇଛନ୍ତି । ସଭାପତି ପାଇଁ ମନୋରଞ୍ଜନ ମହାପାତ୍ର ୧୩୧ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବଂଶୀଧର ରାଉତରାୟ ୯୭ ଖଣ୍ଡ ଭୋଟ ପାଇଥିଲେ। ସମ୍ପାଦକ ପାଇଁ ସ୍ୱଦେଶ ମିଶ୍ର ୧୬୪ ଭୋଟ ପାଇଥିବାବେଳେ ପ୍ରତିଦ୍ୱନ୍ଦି ପ୍ରାର୍ଥୀ କାଳୁ ସ୍ୱାଇଁ ୬୧ ଭୋଟ ପାଇଥିଲେ। ସେହିପରି ଉପସଭାପତି ଭାବେ ଶୁଭେନ୍ଦୁ ଦାସ, ଯୁଗ୍ମ ସମ୍ପାଦକ ପ୍ରସନ୍ନ ପଢ଼ିହାରୀ, କୋଷାଧ୍ୟକ୍ଷ ପ୍ରଣବ କୁମାର ବିଶୋଇ ଅନୁରୂପ ଭାବେ ନିର୍ବାଚିତ ହୋଇଛନ୍ତି। ସେହିଭଳି କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଚିତ୍ତ ରଞ୍ଜନ ପ୍ରଧାନ, ନିରାକାର ମହଲ, ଶୈଳେନ୍ଦ୍ର ପଟ୍ଟନାୟକ, ସୁନିଲ ମହାପାତ୍ର, ସୁଜାତା ନାୟକ ଓ ସୁଦର୍ଶନ ଦାଶ ନିର୍ବାଚିତ ହୋଇଛନ୍ତି । ଅରୁଣ ମହାପାତ୍ର ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିବାବେଳେ ସହଯୋଗ କରିଥିଲେ କିଶୋର ଚନ୍ଦ୍ର ଶତପଥୀ, ଅକ୍ଷୟ କୁମାର ପରିଡ଼ା, ବିଶ୍ୱେଶ ରଞ୍ଜନ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର । ଶନିବାର ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯାଇଥିଲା । ଅପରାହ୍ନ ୫ଟାର ଭୋଟ ଗଣତି ଆରମ୍ଭ ହୋଇଥିଲା । ରାତି ସାଢ଼େ ୯ଟାରେ ନିର୍ବାଚନର ଫଳ ପ୍ରକାଶ ପାଇଛି।

# ସରପଞ୍ଚ,ୱାର୍ଡ ସଭ୍ୟ ପଦବୀ ପାଇଁ ଉପନିର୍ବାଚନ

**ନୟାଗଡ଼ ଅଫିସ,୨୫।୩**

ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ମେ'୨ ରେ ଉପନିର୍ବାଚନ ହେବ । ନୟାଗଡ଼ ବ୍ଲକ ବଡପଣ୍ଡୁସର ୨୦ ନଂ. ୱାର୍ଡରେ ଓ ଖଣ୍ଡପଡ଼ା ବ୍ଲକ ଶିଖରପୁର ପଞ୍ଚାୟତରେ ୨ନଂ. ୱାର୍ଡ ପାଇଁ ୱାର୍ଡ ସଭ୍ୟ ନିର୍ବାଚନ ହେବ । ବଡ଼ପଣ୍ଡୁସର ୱାର୍ଡ ସଭ୍ୟଙ୍କର ପରଲୋକ ହୋଇଥିବାବେଳେ ଶିଖରପୁର ୱାର୍ଡ ସଭ୍ୟ ଇସ୍ତଫା ଦେଇଥିଲେ । ସେହିପରି ଦଶପଲ୍ଲା ବ୍ଲକ ପୋଖରୀଗୋଛା ପଞ୍ଚାୟତରେ ସରପଞ୍ଚ ନିର୍ବାଚନ ହେବ। ସେଠାରେ ସରପଞ୍ଚଙ୍କର ୩ ସନ୍ତାନ ଯୋଗୁ ଅଯୋଗ୍ୟ ଘୋଷିତ ହୋଇଥିଲେ ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ କାଶୀନାଥ



@ ସୁକାନ୍ତ



@ ଲିପୁନ୍




@ ରଜତ



@ ରଶ୍ମିରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସଂଗ୍ରାମ ମିଶ୍ର ସଭାପତି, ବିକ୍ରମ କେଶରୀ ଦେଓ ସମ୍ପାଦକ

## ଖଣ୍ଡପଡ଼ା ବାର୍ ଆସୋସିଏଶନ ନିର୍ବାଚନ



ସଂଗ୍ରାମ କେଶରୀ ମିଶ୍ର



ବିକ୍ରମ କେଶରୀ ଦେଓ

**ଖଣ୍ଡପଡ଼ା,୨୫।୩ (ସ୍ୱ.ପ୍ର.)**

୨୦୨୩-୨୪ ବର୍ଷ ପାଇଁ ଖଣ୍ଡପଡ଼ା ବାର ଆସୋସିଏସଶନର ନୂତନ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ସଭାପତି ଭାବେ ବରିଷ୍ଠ ଆଇନ୍‌ଜୀବୀ ସଂଗ୍ରାମ କେଶରୀ ମିଶ୍ର ମନୋନୀତ ହୋଇଛନ୍ତି । ଉପସଭାପତି ଭାବେ ବାବୁଲି ଚରଣ ସାହୁ, ସମ୍ପାଦକ ବିକ୍ରମ କେଶରୀ ଦେଓ, ଯୁଗ୍ମ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ରାୟ, କୋଷାଧ୍ୟକ୍ଷ ମନୋଜ କୁମାର ମିଶ୍ର ଓ ପରିଚାଳନା କମିଟି ସଦସ୍ୟ ଭାବେ ଧନେଶ୍ୱର ମହାନ୍ତି ଓ ବିକ୍ରମ ସାହୁ ମନୋନୀତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ହିମାଂଶୁ ମୋହନ ଉକ୍ତ ନିର୍ବାଚନ ପରିଚାଳନା କରିଥିଲେ।

# ୨୧ କୁଣ୍ଡୀୟ ଘୃତ ଯଜ୍ଞ,ବୈଦିକ ପ୍ରବଚନ



**ଦଶପଲ୍ଲା,୨୫।୩ (ଡି.ଏନ.ଏ.)**

ଶନିବାର ଦଶପଲ୍ଲା ଗାନ୍ଧୀ ମଇଦାନଠାରେ ୨୧ କୁଣ୍ଡିୟ ଘୃତ ଯଜ୍ଞ ଓ ବୈଦିକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଯଜ୍ଞରେ ୨୧ ଜଣ ସସ୍ତ୍ରୀକ ଯଜ୍ଞରେ ବସିଥିଲେ । ଶ୍ରୁତିନ୍ୟାସର ଅଧ୍ୟକ୍ଷ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ଯଜ୍ଞସ୍ଥଳରେ ଉପସ୍ଥିତ ରହି ପ୍ରବଚନ ଦେଇଥିଲେ । ଏହି ଯଜ୍ଞ ଦେଖିବା ଏବଂ ପ୍ରବଚନ ଶୁଣିବା ନିମନ୍ତେ ବହୁ ଲୋକଙ୍କ ସମାଗମ ହୋଇଥିଲା । ରାତି ପର୍ଯ୍ୟନ୍ତ ପ୍ରବଚନ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ଦଶପଲ୍ଲା ଆର୍‌ଆର୍‌ଏସ୍‌ଏସ୍ କର୍ମକର୍ତ୍ତା ଏହାକୁ ପରିଚାଳନା କରିଥିଲେ ।

# ବଳାତ୍କାରୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

## ଭୁଜାଲି ଦେଖାଇ ନାବାଳିକାଙ୍କୁ ବଳାତ୍କାର ମାମଲା

**ନୟାଗଡ଼ ଅଫିସ,୨୫।୩**

ନୟାଗଡ଼ ଜିଲା ଫାଷ୍ଟ ଟ୍ରାକ କୋର୍ଟରେ ଶନିବାର ରଣପୁର ଥାନା ଅଞ୍ଚଳର ନାବାଳିକା ବଳାତ୍କାର ଘଟଣାର ରାୟ ପ୍ରକାଶ ପାଇଛି । ୧୪ଜଣଙ୍କ ସାକ୍ଷୀ, ଡାକ୍ତରୀ ରିପୋର୍ଟ, ସରକାରୀ ଓ ପ୍ରତିପକ୍ଷ ଓକିଲଙ୍କ ଯୁକ୍ତି, ପୀଡ଼ିତାଙ୍କ ବୟାନକୁ ଭିତ୍ତି କରି ଫାଷ୍ଟ ଟ୍ରାକ କୋର୍ଟ ବିଚାରପତି ବିରଞ୍ଚି କୁମାର ରଥ ବଳାତ୍କାରୀ ପାମ୍ପଡାର ରବି ସାହୁ(୪୫)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଜରିମାନା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦୟେ ଅଧିକ ୨ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ କହିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୦୯ ମାର୍ଚ୍ଚ ୨୭ ପୂର୍ବାହ୍ନରେ ୧୪ ବର୍ଷର ନାବାଳିକା ଜେଜେବାପାଙ୍କ ସହ କାଜୁ ଜଙ୍ଗଲକୁ ଜଗିବାକୁ ଯାଇଥିଲେ । କିଛି ସମୟ ପରେ ଜେଜେବାପା ଘରକୁ ଖାଇବାକୁ ଆସିଥିଲେ । ନାବାଳିକାଙ୍କୁ କାଜୁ ଜଙ୍ଗଲରେ ଏକୁଟିଆ ଦେଖି ରବି ସାହୁ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ । ନାବାଳିକା ପ୍ରତିବାଦ କରିବାରୁ ଭୁଜାଲି ଦେଖାଇ ଭୟଭୀତ କରାଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ଚିତ୍କାର ଶୁଣି କେତେଜଣ ଲୋକ ସେଠାରେ ପହଞ୍ଚିବା ପରେ ଅଭିଯୁକ୍ତ ଫେରାର ହୋଇ ଯାଇଥିଲେ। ଏନେଇ ଅଭିଯୋଗ ପରେ ରଣପୁର ଥାନା ପୋଲିସ ଏକ ମାମଲା(ନଂ.୬୦/୨୦୦୯) ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପରେ ରବିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ରବି ଜେଲରେ ଥିଲେ । ହାଇକୋର୍ଟରୁ ଜାମିନ ପାଇବା ପରେ ଆଉ କୋର୍ଟ ତାରିଖରେ ହାଜର ହୋଇ ନ ଥିଲେ । କୋର୍ଟ ୱାରେଣ୍ଟ ବଳରେ ରଣପୁର ଥାନା ପୋଲିସ ଗତ ଫେବୃୟାରୀ ୨୮ରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସରକାରଙ୍କ ପକ୍ଷରୁ ଆଇନଜୀବୀ ଅମୀୟ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

# ଗୃହର ପ୍ରବେଶ ପଥରେ ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ

## ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବି

**ଖଣ୍ଡପଡ଼ା,୨୫।୩ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ପଞ୍ଚାୟତ କୃଷ୍ଣେଶ୍ୱର ପାଟଣା ଗାଁରେ ରହୁଥିବା ମୃତ୍ୟୁଞ୍ଜୟ ବେହେରାଙ୍କ ଘରର ପ୍ରବେଶ ପଥରେ ଦୀର୍ଘ ବର୍ଷ ହେଲା ଏକ ବିଦ୍ୟୁତ୍ ଖୁଣ୍ଟ ବିପଦ ଶଙ୍କୁଳ ଅବସ୍ଥାରେ ରହିଛି। ସମୂହ ସ୍ୱାର୍ଥ ଦୃଷ୍ଟିରୁ ଉକ୍ତ ଖୁଣ୍ଟକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସାଧାରଣରେ ଦାବି ହେଉଛି । ଉକ୍ତ ଖୁଣ୍ଟରେ ୧୧କେଭି ବିଦ୍ୟୁତ୍ ଲାଇନ ଯାଇଥିବାରୁ ଆଖପାଖ ୨୦ରୁ ଉର୍ଦ୍ଧ୍ୱ ଘରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଫଳରେ ବେହେରାଙ୍କ ଘର ସାମ୍ନାରେ ବିଦ୍ୟୁତ୍ ତାରଗୁଡ଼ିକ ଝୁଲି ରହିଛି । ଅପରପକ୍ଷେ ବେହେରା ନୂତନ ଘର ନିର୍ମାଣ କରୁଥିବାରୁ ସମ୍ପୃକ୍ତ ଖୁଣ୍ଟକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛନ୍ତି। ଏ ନେଇ କଣ୍ଟିଲୋ କନିଷ୍ଠ ଯନ୍ତ୍ରୀ ରମେଶ ଚନ୍ଦ୍ର ସାହୁଙ୍କ ସହ ଯୋଗାଯୋଗ କରିଥିଲୁ। ସେ କହିଛନ୍ତି , ଏବେ ମାର୍ଚ୍ଚ ମାସ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଏପ୍ରିଲରେ ଏହାର ସ୍ଥିତି ଦେଖି ଆବଶ୍ୟକ ପଦକ୍ଷେପ ନିଆଯିବ।

